

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୭ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 17 JUNE 2023
Vol.No. 34 ■ No. 158■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଗୁଜରାଟରେ ତାଣ୍ଡବ ରଚିଲା ବାତ୍ୟା ବିପର୍ଯ୍ୟୟ

### ଉପୁଡ଼ିଲା ଗଛ, ଅନ୍ଧାରରେ ୯୦୦ରୁ ଅଧିକ ଗାଁ: ୨ ମୃତ



ଗୁଜରାଟ,୧୬/୦୬ : ବାତ୍ୟା 'ବିପର୍ଯ୍ୟୟ' ଗତକାଲି ଗୁଜରାଟର ଲ୍ୟାଣ୍ଡଫଲ କରିଥିବା ବେଳେ ଏଥିଯୋଗୁ ସେଠାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ରାଜ୍ୟର ୧୦ଟି ଜିଲ୍ଲାର ଲୋକେ ପ୍ରଭାବିତ ହୋଇଛନ୍ତି। ବାତ୍ୟା ଯୋଗୁ ୨ ଜଣଙ୍କ ଜୀବନ ଯାଇଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ୨୦ରୁ ଅଧିକ ପ୍ରାଣୀଧନଙ୍କ ଜୀବନ ଯାଇଛି। ୫୦୦ରୁ ଅଧିକ ଗଛ ଉପୁଡ଼ି ପଡ଼ିଛି। ବହୁ ସଂଖ୍ୟାରେ ବିଜୁଳି ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ୯୦୦ରୁ ଅଧିକ ଗାଁକୁ ବିଜୁଳି ସେବା ବିଚ୍ଛିନ୍ନ ହୋଇଯାଇଛି। ଏନ୍‌ଡିଆରଏଫ୍ ଟିମ୍ ଏବେ ଗଛ କାଟି ରାସ୍ତାଘାଟ ସଫା କରୁଛି। ଭାଙ୍ଗି ପଡ଼ିଥିବା ବିଦ୍ୟୁତ ଖୁଣ୍ଟ ଗୁଡ଼ିକୁ ସଜାଡ଼ିବା କାମ ମଧ୍ୟ ଆରମ୍ଭ କରାଯାଇଛି। ୧୮ଟି ଏନ୍‌ଡିଆରଏଫ ଟିମ୍ ସହିତ ୧୨ଟି ଏସ୍‌ଡିଆରଏଫ ଏବଂ ରାଜ୍ୟ ସଡ଼କ ଓ ନିର୍ମାଣ ବିଭାଗର ୧୧୫ଟି ଟିମ୍ ଏହି ସବୁ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଅନ୍ୟପକ୍ଷରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବାତ୍ୟା ପ୍ରଭାବିତ ଅଞ୍ଚଳ ଦେଇ ଯା'ଆସ କରୁଥିବା ୯୯ଟି ଟ୍ରେନକୁ ବାତିଲ କରି ଦିଆଯାଇଛି। ଆରବସାଗରରେ ୧୦ରୁ ଅଧିକ ଦିନ ରହିବା ପରେ ଗତକାଲି ଗୁଜରାଟର ଜଖୌ ପୋର୍ଟ ନିକଟରେ ଲ୍ୟାଣ୍ଡଫଲ କରିଥିଲା ବାତ୍ୟା ବିପର୍ଯ୍ୟୟ। ସନ୍ଧ୍ୟାରୁ ଲ୍ୟାଣ୍ଡଫଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା। ରାତି ସାଢ଼େ ୧୦ଟାରୁ ସାଢ଼େ ୧୧ଟା ମଧ୍ୟରେ ଜଖୌ ପୋର୍ଟ ନିକଟରେ ସୌରାଷ୍ଟ୍ର-କଚ୍ଛ ଉପକୂଳକୁ ଅତିକ୍ରମ କରିଥିଲା ବାତ୍ୟା 'ବିପର୍ଯ୍ୟୟ'। ଏହି ସମୟରେ ପବନରେ ବେଗ ଘଣ୍ଟା ପ୍ରତି ୧୧୫ରୁ ୧୨୫ କିଲୋମିଟର ରହିଥିଲା। ବାତ୍ୟା 'ବିପର୍ଯ୍ୟୟ'ର ଲ୍ୟାଣ୍ଡଫଲ ପ୍ରକ୍ରିୟା ମଧ୍ୟରାତ୍ର ପର୍ଯ୍ୟନ୍ତ ଚାଲିଥିଲା। ମଧ୍ୟରାତ୍ର ବେଳକୁ ଏହା ସଂପୂର୍ଣ୍ଣ ଭାବେ ସ୍ଥଳ ଭାଗରେ ପହଞ୍ଚି ଯାଇଥିଲା। ରାତି ପ୍ରାୟ ୨ଟା ୩୦ ବେଳକୁ ପବନ ବେଗ ହ୍ରାସ ପାଇଥିଲା। ସେତେବେଳେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିମି ରହିଥିଲା। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବାତ୍ୟା 'ବିପର୍ଯ୍ୟୟ'ର ଆଉ ଅତି ଭୀଷଣ ହୋଇ ରହିନାହିଁ। ଏହା ଏବେ ଅତି ଭୀଷଣ ବାତ୍ୟାରୁ ଭୀଷଣ ବାତ୍ୟାରେ ▶▶ପୃଷ୍ଠା ୭

## ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାକୁ ଛତିଶଗଡ଼ ରାଜ୍ୟପାଳଙ୍କ ଦାବି



ଭୁବନେଶ୍ୱର, ୧୬/୦୬ (ନି.ପ୍ର): ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ତୁରନ୍ତ ଖୋଲିବାକୁ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଦାବି କରିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି ଯେ, ରତ୍ନଭଣ୍ଡାରରେ କ'ଣ ଅଛି, ତାକୁ ନେଇ କୋଟିକୋଟି ଜଗନ୍ନାଥ ପ୍ରେମୀ ଏବଂ ଓଡ଼ିଆଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ସନ୍ଦେହ ଦୂର କରିବା ପାଇଁ ତୁରନ୍ତ ରତ୍ନଭଣ୍ଡାର ଖୋଲାଯିବା ଦରକାର। ଏଥି ପାଇଁ ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଛତିଶଗଡ ରାଜ୍ୟପାଳଙ୍କ ଦାବି ପରେ ରାଜ୍ୟ ଆଇନମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି ରତ୍ନଭଣ୍ଡାର ସଂପର୍କିତ ମାମଲା ଏବେ ନ୍ୟାୟାଳୟରେ ବିଚାରଧୀନ ରହିଛି। ତେଣୁ ଏହି ପ୍ରସଙ୍ଗରେ ବିଚାରବିମର୍ଶ କରିବା ଠିକ ହେବ ନାହିଁ।

## ୨୦ ଜୁନ୍‌ରୁ ଆମେରିକା ଏବଂ ମିଶର ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୬/୦୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁନ୍ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଆମେରିକା ଏବଂ ମିଶର ଗସ୍ତରେ ଯିବେ । ବିଦେଶ ମନ୍ତ୍ରାଳୟ ଅନୁସାରେ ଆମେରିକାର ରାଷ୍ଟ୍ରପତି ଜୋସେଫ ବାଇଡେନ ଏବଂ ପ୍ରଥମ ମହିଳା ଡା. ଜିଲ ବାଇଡେନଙ୍କ ନିମନ୍ତ୍ରଣ ପରେ ପ୍ରଧାନମନ୍ତ୍ରୀ ମୋଦୀ ଆମେରିକା ଯାତ୍ରା କରିବେ । ଏହି ଯାତ୍ରା ନ୍ୟୁୟର୍କରୁ ଆରମ୍ଭ ହେବ । ଯେଉଁଠାରେ ପ୍ରଧାନମନ୍ତ୍ରୀ ଜୁନ୍ ୨୧ରେ ସଂଯୁକ୍ତ ରାଷ୍ଟ୍ର ମୁଖ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ସମାରୋହର ନେତୃତ୍ୱ ନେବେ । ଏହାପରେ ଜୁନ୍ ୨୪ରୁ ୨୫ ତାରିଖ ପର୍ଯ୍ୟନ୍ତ ମୋଦୀ ମିଶର ଗସ୍ତରେ ରହିବେ । ଏହା ମୋଦୀଙ୍କ ପ୍ରଥମ ମିଶର ଗସ୍ତ ହେବ ।

## ଟ୍ୱିନ୍ ସିଟିକୁ ହିଟ୍ ୱେଭ ୱାର୍ଣ୍ଣିଂ




ଭୁବନେଶ୍ୱର, ୧୬/୦୬ (ନି.ପ୍ର): ତାତି ବଢୁଥିବା ବେଳେ ଟ୍ୱିନ୍ ସିଟିର କିଛି ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆଶଙ୍କା ଦେଖାଦେଇଛି। ଏଥିପାଇଁ ସତର୍କତା ଜାରି କରିଛି ଆଂଚଳିକ ପାଣିପାଗ ବିଭାଗ। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କଟକ-ଭୁବନେଶ୍ୱର ପାଇଁ ହିଟ୍ ୱେଭ ୱାର୍ଣ୍ଣିଂ ଜାରି ହୋଇଛି। ବିଶେଷ କରି ଶିଶୁ, ବୟସ୍କ ଓ ରୋଗୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହାସହ ଶୋଷ ନଲାଗୁଥିଲେ ବି ପ୍ରଚୁର ପାଣି ପିଇବା, ଖରାକୁ ନବାହାରିବାକୁ ପରାମର୍ଶ ଦିଆଯାଇଛି। ପାଣି ସହ ଓଆରଏସ୍ , ଲସି କିମ୍ବା ତୋରାଣୀ ପିଇବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ। ସୂଚନା ଅନୁଯାୟୀ ଶୁକ୍ରବାର ଭୋରୁ ଟ୍ୱିନ୍ ସିଟିରେ ତାତି ସାଙ୍ଗକୁ ଗୁଳୁଗୁଳି ଆରମ୍ଭ ହୋଇଯାଇଛି। ଆଜି ସକାଳ ୫ ଟା ୩୦ ସୁଦ୍ଧା ରାଜଧାନୀ ଭୁବନେଶ୍ୱର ରେ ୩୦.୨ ଡ଼ିଗ୍ରୀ ତାପମାତ୍ରା ୯୨% ଆଦ୍ରତା ରେକର୍ଡ ହୋଇଥିବା ବେଳେ ସକାଳ ୮ ଟା ୩୦ ସୁଦ୍ଧା ରାଜଧାନୀରେ ୩୪.୨ ଡ଼ିଗ୍ରୀ ତାପମାତ୍ରା ଏବଂ ୭୩% ଆଦ୍ରତା ରେକର୍ଡ କରାଯାଇଥିଲା। ସେହିପରି ଦିନ ସାଢେ ୧୧ ଟା ବେଳକୁ ରାଜଧାନୀ ତାପମାତ୍ରା ୪୧.୬ ଡିଗ୍ରୀ ଛୁଇଁଥିବା ବେଳେ ଆଦ୍ରତା ରହିଛି ୩୮%।

## ନୟାଗଡ଼ର ପୂର୍ବତନ ଯୋଗାଣ ଅଧିକାରୀଙ୍କ ସଂପତ୍ତି ଦେଖି ଭିଜିଲାନ୍ସ ଆଶ୍ଚର୍ଯ୍ୟ: ଭୁବନେଶ୍ୱରରେ ଅଛି ୫ କୋଠା



ନୟାଗଡ, ୧୬/୦୬ (ନି.ପ୍ର): ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଆଜି ନୟାଗଡ଼ର ପୂର୍ବତନ ଯୋଗାଣ ଅଧିକାରୀ (ଏବେ ନିଲମ୍ବିତ ହୋଇ ରହିଛନ୍ତି) ବ୍ରଜେନ୍ଦ୍ର କୁମାର ନାୟକଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ତାଙ୍କର ସଂପତ୍ତି ଦେଖି ଭିଜିଲାନ୍ସ ଅଧିକାରୀମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଶ୍ରୀ ନାୟକ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଭୁବନେଶ୍ୱରରେ ୫ଟି କୋଠା ରହିଛି। ଭୀମଟାଙ୍ଗୀ ହାଉସିଂ କଲୋନୀରେ ତାଙ୍କର ଏକ ଦୁଇ ମହଲା କୋଠା ଥିବା ବେଳେ ରାଜାରାଣୀ କଲୋନୀ ପାଖରେ ଦୁଇଟି ତିନି ମହଲା କୋଠା ଏବଂ ଲୁଇସ ରୋଡ୍ ଓ ଶିଶୁପାଳଗଡ଼ରେ ଗୋଟିଏ ଲେଖାଏ କୋଠା ରହିଛି। ପୁରୀ ଜିଲ୍ଲା ନିମାପଡ଼ାର ସୁନୁଗୋରଡ଼ିରେ ତାଙ୍କର ଏକ ଫାର୍ମ ହାଉସ ରହିଛି। ନିମାପଡ଼ାରେ ତାଙ୍କର ଏକ ମାର୍କେଟ କମ୍ପ୍ଲେକ୍ସ ଅଛି, ଯେଉଁଥିରେ ୧୦ଟି ଦୋକାନ ଅଛି। ସେଠାରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ସେ ▶▶ପୃଷ୍ଠା ୭

## ରଥଯାତ୍ରା ପାଇଁ ମକଡ୍ରିଲ ଅନୁଷ୍ଠିତ

ପୁରୀ, ୧୬/୦୬ (ନି.ପ୍ର): ଆଗାମୀ ରଥଯାତ୍ରାକୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପର୍ଣ୍ଣ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟର ଏକ ମକ ଡ୍ରିଲ ଆଜି ଟାଉନ ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ସମର୍ଥ ବର୍ମା ଚଳିତ ରଥଯାତ୍ରାରେ ଅଧିକ ଶ୍ରଦ୍ଧାଳୁଙ୍କ ଯୋଗଦାନ ଆଶା କରାଯାଉଛି। ତେଣୁ ଆମକୁ ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ସମସ୍ତ କାର୍ଯ୍ୟକୁ ବିଭିନ୍ନ ବିଭାଗ ସଠିକ ଭାବେ ପରିଚାଳନା କରୁଛନ୍ତି। ତାହାର ଏକ ବାସ୍ତବ ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ମକ ଡ୍ରିଲ ର ପରିକଳ୍ପନା।ଏହାଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲ ଭାବରେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ଜିଲ୍ଲାପାଳ କହିଥିଲେ। ଏସପି ଡଃ. କନୱର ବିଶାଲ ସିଂ ସମସ୍ତ ବିଭାଗ ତାଙ୍କର ଦାୟିତ୍ୱକୁ ବୁଝିବା ଓ ଅନ୍ୟ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ଲକ୍ଷ୍ୟରେ ଏହି ମକ ଡ୍ରିଲ ବେଶ ସହାୟକ ହେବ ବୋଲି କହିଥିଲେ।

## ବଢ଼ିଲା ସ୍କୁଲ ପିଲାଙ୍କ ଗ୍ରୀଷ୍ମ ଛୁଟି



ଭୁବନେଶ୍ୱର, ୧୬/୦୬ (ନି.ପ୍ର): ମୌସୁମୀ ଧୋକା ଦେବା ପରେ ଜୁନରେ ଜଳୁଛି ରାଜ୍ୟ। ପଶ୍ଚିମରୁ ଦକ୍ଷିଣ, ଉପକୂଳରୁ ଉପାନ୍ତ; ପାଖାପାଖି ଅଧା ଆଷାଢ଼ରେ ବି ପ୍ରଚଣ୍ଡ ଗ୍ରୀଷ୍ମରେ ସବୁଠି ତ୍ରାହି ତ୍ରାହି ଡାକୁଛନ୍ତି ଲୋକେ। ରେକର୍ଡ ପରେ ରେକର୍ଡ କରୁଛି ତାତି। ଜୁନରେ ଜଳୁଛି ରାଜ୍ୟ। ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ଯୋଗୁଁ ବଢ଼ିଲା ଗ୍ରୀଷ୍ମ ଛୁଟି। ଜୁନ୍ ୧୯ ପରିବର୍ତ୍ତେ ଜୁନ୍ ୨୧ରେ ଖୋଲିବ ସ୍କୁଲ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ଲାଂଚ ନେଇ ଧରାପଡିଲେ ପଶୁ ଡାକ୍ତର

ଭୁବନେଶ୍ୱର, ୧୬/୦୬ (ନି.ପ୍ର): ଲାଂଚ ନେବାବେଳେ ଧରାପଡ଼ିଛନ୍ତି ଜଣେ ପଶୁ ଡାକ୍ତର। ଗଂଜାମ ଜିଲ୍ଲାର ଆସ୍କା ବ୍ଲକ୍ ଭେଟେନାରୀ ଅଫିସର ଡାକ୍ତର ରବିନାରାୟଣ ସାହୁ ୯ ହଜାର ଟଙ୍କା ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ମୋବାଇଲ ଭେଟେନାରୀ ୟୁନିଟ୍ ଭାବେ ବ୍ୟବହାର କରିବା ଲାଗି ଜଣେ ବୋଲେରୋ ମାଲିକଙ୍କ ଠାରୁ ଡା. ସାହୁ ଲାଂଚ ନେଉଥିଲେ। ସୂଚନା ପାଇଁ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଲାଚ ଟଙ୍କା ସହ ଧରିଥିଲେ । ଏନେଇ ଭିଜିଲାନ୍ସ ଥାନାରେ ଏକ ମାମଲାରୁଜୁ ହୋଇଥିବା ବେଳେ ଡାକ୍ତର ରବିନାରାୟଣଙ୍କ ୩ଟି ଠିକଣାରେ ଚଢ଼ାଉ କରାଯାଉଛି।

## ମହିଳା ଆଇପିଏସ ଅଫିସରଙ୍କୁ ଯୌନ ଶୋଷଣ ମାମଲା: ତାମିଲନାଡୁ ପୂର୍ବତନ ଡିଜିଙ୍କୁ ୩ ବର୍ଷ ଜେଲ୍



ନୂଆଦିଲ୍ଲୀ, ୧୬/୦୬: ମହିଳା ଆଇପିଏସ ଅଧିକାରୀ ଯୌନ ଶୋଷଣ ମାମଲାରେ ତାମିଲନାଡୁର ପୂର୍ବତନ ଡିଜି ରାଜେଶ ଦାସଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ । ମହିଳା ଆଇପିଏସ ଅଧିକାରୀଙ୍କୁ ଯୌନ ଉତ୍ପୀଡ଼ନ ମାମଲାରେ ତାମିଲନାଡୁର ବିଲୁପୁରମ୍ କୋର୍ଟ ସଶ୍ରମ କାରାଦାଣ୍ଡ ଶୁଣାଇଛନ୍ତି । ୨୦୨୧ ଫେବ୍ରୁଆରୀରେ ମହିଳା ଆଇପିଏସ ଅଧିକାରୀ ନିଜର ବରିଷ୍ଠ ଅଧିକାରୀ ରାଜେଶ ଦାସଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ । ସୂଚନାଥାଉକି, ଫେବ୍ରୁଆରୀ ୨୦୨୧ରେ ତାମିଲନାଡୁରେ ଏହି ମାମଲା ବେଶ୍ ଚର୍ଚ୍ଚାକୁ ଆସିଥିଲା। ଯେତେବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପଲାନୀସ୍ୱାମୀଙ୍କ ସୁରକ୍ଷାରେ ନିୟୋଜିତ ରାଜେଶ ଦାସଙ୍କ ଉପରେ ମହିଳା ଆଇପିଏସ ଯୌନ ଶୋଷଣ ଅଭିଯୋଗ ହୋଇଥିଲା। ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାଜେଶ ଦାସଙ୍କୁ ନିଲମ୍ବିତ କରିଥିଲେ। ଏହା ସହ ଯାଞ୍ଚ ପାଇଁ ଛଅ ସଦସ୍ୟ ବିଶିଷ୍ଟ ସମିତି ଗଠନ କରିଥିଲେ। ▶▶ପୃଷ୍ଠା ୭

## ବଦଳିଲା ନେହରୁ ମ୍ୟୁଜିୟମର ନାଁ: ବିଜେପି-କଂଗ୍ରେସ ମୁହାଁମୁହିଁ



ନୂଆଦିଲ୍ଲୀ,୧୬/୦୬ : ଦେଶର ରାଜଧାନୀ ଦିଲ୍ଲୀରେ ଥିବା ନେହରୁ ମେମୋରିଆଲ ମ୍ୟୁଜିୟମ ଓ ଲାଇବ୍ରେରୀ ସୋସାଇଟୀର ନାଁକୁ ବଦଳାଇ ଦେଇଛନ୍ତି କେନ୍ଦ୍ର ସରକାର। ଏବେ ଏହାର ନାଁ ପ୍ରଧାନମନ୍ତ୍ରୀଙ୍କ ମ୍ୟୁଜିୟମ ଓ ଲାଇବ୍ରେରୀ ସୋସାଇଟୀ ରଖାଯାଇଛି। ଏହି ନାଁ ବଦଳକ ଘଟଣାକୁ ନେଇ ବିଜେପି ଓ କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। ତିନ ମୂର୍ତ୍ତି ଭବନରେ ଏହି ମ୍ୟୁଜିୟମଟି ରହିଛି। ଗତବର୍ଷ ଏହି ବିଲଡିଂ ପରିସରରେ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟର ଉଦଘାଟନ କରାଯାଇଥିଲା। ଏହାକୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଅଫିସିଆଲ ଘର ଭାବେ ବ୍ୟବହାର କରାଯାଉଥିଲା। ତେବେ ଏହାର ନାଁ ପରିବର୍ତ୍ତନକୁ କଂଗ୍ରେସ ହଜମ କରିପାରିନି। କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ବରିଷ୍ଠ ନେତା ଜୟରାମ ରମେଶ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଦଳ ଜାଣିଶୁଣି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଅବଦାଦନକୁ ସଙ୍କୁଚିତ କରିବା ପାଇଁ ଏପରି ପଦକ୍ଷେପ ନେଇଛନ୍ତି। ଖଡଗେ ଟ୍ୱିଟ କରି କହିଛନ୍ତି, "ଯେଉଁମାନଙ୍କର ନିଜର କୌଣସି ଇତିହାସ ନାହିଁ, ସେମାନେ ଏବେ ଅନ୍ୟମାନଙ୍କ ଇତିହାସକୁ ଲିଭାଇବାକୁ ଚେଷ୍ଟା କରୁଛନ୍ତି। ନେହରୁ ମେମୋରିଆଲ ମ୍ୟୁଜିୟମ ଓ ▶▶ପୃଷ୍ଠା ୭

## ବାହାନଗା ରେଳ ଦୁର୍ଘଟଣା

## ଏସସିବିରେ ଆଉ ଜଣଙ୍କର ମୃତ୍ୟୁ

କଟକ/ଭୁବନେଶ୍ୱର, ୧୬/୦୬ (ନି.ପ୍ର): ବାହାନଗା ରେଳ ଦୁର୍ଘଟଣାରେ ଆଉ ଜଣେ ଆହତଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିହାର ବାସିନ୍ଦା ପ୍ରକାଶ ରାମ। ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଏସସିବିରେ ଚିକିତ୍ସାଧୀନ ଥିଲେ। ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ୧୭ ବର୍ଷୀୟ ପ୍ରକାଶଙ୍କ ମୃତ୍ୟୁ ଘଟିଛି। ଏନେଇ କଟକ ଏସସିବି ମେଡିକାଲର କୁଳ ସଚିବ ଡକ୍ଟର ଅବିନାଶ ରାଉତ ସୂଚନା ଦେଇଛନ୍ତି। ଏଥିସହିତ ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୯୦କୁ ବୃଦ୍ଧି ପାଇଛି। ଏହା ପୂର୍ବରୁ ବିହାରର ବିଜୟ ପାଶୱାନ ନାମକ ଜଣେ ଆହତଙ୍କର ଏସସିବିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏସସିବି ଅଧିକ୍ଷକ ଡାକ୍ତର ସୁଧାଂଶୁ ଶେଖର ମିଶ୍ର କହିଛନ୍ତି ପ୍ରକାଶଙ୍କ ଗୋଡ ଅଧିକ ସଂକ୍ରାମକ ହୋଇଥିଲା। ସେଥିପାଇଁ ତା ଗୋଡ଼ କାଟି ଦିଆଯାଇଥିଲା। ତାକୁ ୫ ୟୁନିଟ୍ ବ୍ଲଡ଼ ଦିଆଯାଇଥିଲା। ହେଲେ ଶୁକ୍ରବାର ରାତି ୩ ଟା ବେଳେ ତାର ମୃତ୍ୟୁ ହୋଇଗଲା। ବର୍ତ୍ତମାନ ସୁଦ୍ଧା ଏସସିବିରେ ୪୭ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ଜଣ ରୋଗୀ ଆଇସିୟୁରେ ଥିବା ବେଳେ ୩ ଜଣଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଅଛି। ▶▶ପୃଷ୍ଠା ୭

## କର୍ଣ୍ଣାଟକ ପାଠ୍ୟପୁସ୍ତକକୁ ଫେରିଲେ ନେହେରୁ: ବାଦ୍ ପଡ଼ିଲା ଆରଏସଏସ ସଂସ୍ଥାପକଙ୍କ ଜଡ଼ିତ ଅଧ୍ୟାୟ

ବେଙ୍ଗାଲୁରୁ,୧୬/୦୬ : କର୍ଣ୍ଣାଟକ ମନ୍ତ୍ରିମଣ୍ଡଳ ଗୁରୁବାର ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ କନ୍ନଡ଼ ଏବଂ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସଂଶୋଧନକୁ ମଞ୍ଜୁରୀ ଦେଇଛନ୍ତି। ସଂଶୋଧ ଅନୁଯାୟୀ, ପୁସ୍ତକରୁ ଆରଏସଏସ ସଂସ୍ଥାପକ କେଶବ ବଲିରାମ ହେଡଗେୱାରଙ୍କ ଅଧ୍ୟାୟକୁ ହଟାଇ ଦିଆଯାଇଛି। ଅନ୍ୟପଟେ ପାଠ୍ୟପୁସ୍ତକରେ ସାବିତ୍ରୀବାଇ ଫୁଲେ, ଚକ୍ରବର୍ତ୍ତୀ ସୁଲିବେଲେ, ଇନ୍ଦିରା ଗାନ୍ଧୀଙ୍କୁ ଜବାହରଲାଲା ନେହେରୁଙ୍କ ଚିଠି ଏବଂ ବିଆର ଆମ୍ବେଦକରଙ୍କ ଲିଖିତ କବିତାକୁ ସଂଯୋଗ କରାଯାଇଛି। ସରଳ ଭାଷାରେ କହିବାକୁ ଗଲେ ବିଜେପି ସରକାର ଦ୍ୱାରା କରାଯାଇଥିବା ସମସ୍ତ ପରିବର୍ତ୍ତନକୁ ରାଜ୍ୟର କଂଗ୍ରେସ ସରକାର ପୁନର୍ବାର ଲାଗୁ କରିଛନ୍ତି। କ୍ୟାବିନେଟ୍ ଚଳିତ ଶିକ୍ଷା ବର୍ଷ ପାଇଁ ରାଜ୍ୟରେ ଷଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ କନ୍ନଡ଼ ଏବଂ ସାମାଜିକ ବିଜ୍ଞାନର ପାଠ୍ୟପୁସ୍ତକର ପାଠ୍ୟକ୍ରମରେ ସଂଶୋଧନକୁ ମଞ୍ଜୁରୀ ଦେଇଛି। ଏଥିସହ ମନ୍ତ୍ରିମଣ୍ଡଳ ସମସ୍ତ ବିଦ୍ୟାଳୟ ଏବଂ କଲେଜରେ ପ୍ରତିଦିନ ସମ୍ବିଧାନର ପ୍ରସ୍ତାବନା ପାଠକୁ ବାଧ୍ୟତାମୂଳକ କରିବାକୁ ନିଷ୍ପତ୍ତି ନେଇଛି। କଂଗ୍ରେସ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା ଯେ, ଶିକ୍ଷାନୁଷ୍ଠାନର ପାଠ୍ୟ ପୁସ୍ତକରେ ବିଜେପି ସରକାର ଦ୍ୱାରା କରାଯାଇଥିବା ପରିବର୍ତ୍ତନକୁ ହଟାଇ ଦେବ। ▶▶ପୃଷ୍ଠା ୭

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ନିରୋଧ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ , ୧୬/୦୬ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା ବିଶ୍ୱ ଶିଶୁ ଶ୍ରମ ନିରୋଧ ଶୋଭାଯାତ୍ରା। ଏହି ଶୋଭାଯାତ୍ରାରେ ଜିଲ୍ଲାଆଇନ୍ ସେବା ପ୍ରାଧିକରଣ ଭାରପ୍ରାପ୍ତ ସଚିବ ଶ୍ରୀମତୀ ପ୍ରଣତୀ ପଟେଲ ଏହାକୁ ପରିଚ୍ଳଳନା କରିଥିଲେ। ଏହି ଶୋଭାଯାତ୍ରାରେ ଜିଲ୍ଲା ଜଜ୍ କୋର୍ଟର ସମସ୍ତ ବିଚାରପତି ଆଇନ୍‌ଜୀବୀ ତଥା ଆଇନ୍ ସେବା ପ୍ରାଧିକରଣ ପିଏଲଭି ପ୍ୟାନେଲ୍ ଓକିଲମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହାପରେ ଜିଲ୍ଲା କୋର୍ଟ ନଳାଙ୍ଗ, ଭଦ୍ରକ ପରିସରରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ସଂକ୍ରାନ୍ତିୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ ଶିଶୁ ଯତ୍ନ, ସୁରକ୍ଷା ଏବଂ ଶିଶୁ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ (ଫେଲୋସିପ୍) ସି..ସି.ୟୁ.ର ପିଲାମାନଙ୍କ ଅଭିନୀତ ଶିଶୁ ସୁରକ୍ଷା ସଂପର୍କିତ ବିଷୟ ବସ୍ତୁଟି ସମସ୍ତଙ୍କୁ ବେଶ୍ ଆଦୃତ କରିଥିଲା। ଏହି କାର୍ଯ୍ୟକ୍ରମରେ ଭଦ୍ରକ କୋର୍ଟର ସମସ୍ତ ବିଚ୍ଚରପତି ବୃନ୍ଦ, ଭଦ୍ରକ ଓକିଲସଂଘର ସଭାପତି ତଥା ବରିଷ୍ଠ ଅଧିବକ୍ତା ଶ୍ରୀ ନିରାକାର ଜେନା ମହୋଦୟ, ଫେଲୋସିପ୍‌ର ନିର୍ଦ୍ଦେଶକ ଶ୍ରୀ ଲଲାଟେନ୍ଦୁ ମହାନ୍ତି, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଡ. ଦେବରାଜ ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଶ୍ରୀ ଅବିନାଶ ମହାନ୍ତି, ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ଜେନା ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ ଶ୍ରୀ ତାପସ୍ କୁମାର ମହାନ୍ତି, ଶ୍ରୀ କାହ୍ନୁଚରଣ ବାରିକ୍, ପି.ଏଲ.ଭି. ତଥା ଆଇନ୍‌ଜୀବୀ ପ୍ରମୁଖ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମକର୍ତ୍ତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଫଳ କରାଇଥିଲେ। ପରିଶେଷରେ ପ୍ୟାନେଲ୍ ଓକିଲ ଶ୍ରୀ ରାଜୀବ କୁମାର ବାରିକ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ବ୍ୟକ୍ତି ବିଶେଷ ତଥା ଯୋଗଦେଇଥିବା ସମସ୍ତ ଶ୍ରୋତା ବିଶେଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିବମୁନି ଯୋଗାଶ୍ରମ ଆନୁକୂଲ୍ୟରେ ପୋଡାଡିହା ଗ୍ରାମରେ ଜ୍ଞାନଯଜ୍ଞ

ରୂପସା , ୧୬/୦୬ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମ ଆନୁକୂଲ୍ୟରେ ପୋଡାଡିହା ଗ୍ରାମ ସ୍ଥିତ ,ମୁନିମତୀ କୁନି ମାଝିଙ୍କ ବାସ ଭବନରେ,ଏକ ଜ୍ଞାନଯଜ୍ଞ,ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନିସମାଜ, ଓଡ଼ିଶା ପ୍ରାନ୍ତ,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ,ମୁନି ସମାଜର ଜ୍ୟୋତି, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ମହୋଦୟ ଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ପ୍ରାନ୍ତୀୟ ସହ ସମ୍ପାଦକ,ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ ।ମଞ୍ଚ ପରିଚାଳନା କରିଥିଲେ ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ।ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, ଆଶ୍ରମର ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା ଏବଂ ମୁନିରାଜ ଅମୂଲ୍ୟ ମୁନିଜୀ ମହୋଦୟ ।କରୁଣା ସମୟରେ,ପୁତ୍ର ରୋଗଶଯ୍ୟାରେ ଥିବା ସମୟରେ,ପରିବାର ସର୍ବସ୍ୱାନ୍ତ ହେବା ପରେ,ଯେତେବେଳେ ଡାକ୍ତର ମାନେ ଶେଷ ଭରସା ତୁଟାଇ ଦେଲେ,ସେ ସମୟରେ ମୁନି ସମାଜର ଏକମାତ୍ର ଅ...ଉ...ମ...ପ୍ରଣବ,ପୁତ୍ରକୁ ଜୀବନ୍ୟାସ ଦେଇଥିବାରୁ,ସେହି ଦିନର ଶୁଭ ସଙ୍କଳ୍ପ ଅନୁସାରେ,ଆଜି ଯୋଗାଚାର୍ଯ୍ୟ,ଯୋଗୀ ଯୋଗଶିକ୍ଷୟତ୍ରୀ,ମୁନିରାଜ, ମୁନିରାଜ୍ଞୀ,ମୁନି ମୁନିମତୀ ,ମୁନିକୁମାର,ମୁନିକୁମାରୀ ମାନଙ୍କୁ ନେଇ ଏଇ ପ୍ରଣବ ଯଜ୍ଞର ଆୟୋଜନ କରାଯାଇ ଥିଲା ।ଏକ ମନୋଜ୍ଞ ପରିବେଶରେ,ପ୍ରଥମେ ସମୁହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ,ପୁତ୍ର-ପୁତ୍ରବଧୂଙ୍କ ସହିତ ପରିବାରର ସମସ୍ତଙ୍କୁ,ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନ ଯାପନ ସହିତ ଉଜ୍ଜ୍ୱଳ ଭବିଷ୍ୟତର ଶୁଭ କାମନା କରାଯାଇଥିଲା।ଉପସ୍ଥିତ ଥିଲେ,ଯୋଗ ସାଧିକା ବାସନ୍ତୀ ମହାଳିକ, ମୁନିରାଜ୍ଞୀ ବିମଳା ଲେଙ୍କା, ମୁନିରାଜ୍ଞୀ କନକଲତା ମହାପାତ୍ର, ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା,ମୁନି ଚିତ୍ତରଞ୍ଜନ ବର,ମୁନି ନାରାୟଣ ମହାପାତ୍ର ,ମୁନିମତୀ ଫୁଲମଣୀ ବେହେରା ଇତ୍ୟାଦି ବହୁ ଶିବମୁନିଜୀଙ୍କ ପରିବାରର ସଦସ୍ୟ ସଦସ୍ୟା ବୃନ୍ଦ । ଶେଷରେ ଯୋଗୀ ଭିକାରି ଚରଣ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।



## କଲେଜ ଅଧ୍ୟକ୍ଷଙ୍କ ମାତୃବିୟୋଗ

ଜଳେଶ୍ୱର ୧୬/୬(ନି.ପ୍ର): ଜଣେ ଗ୍ରାମାଂଚଳର ଧର୍ମପରାୟଣା, କର୍ତ୍ତବ୍ୟନିଷ୍ଠ, ପରୋପକାରୀ, ମିଷ୍ଟଭାଷୀ ମହିଳା ଚମ୍ପାମଣି ପାଳ ଆଜି ଦ୍ୱି ପ୍ରହରରେ ୯୦ବର୍ଷ ବୟସରେ ନିଜ ଗ୍ରାମ ବାରବାଟିଆଠାରେ ମୃତ୍ୟୁବରଣ କରିଛନ୍ତି । ସେ ଜଳେଶ୍ୱରର ଶୀତଳାଠାକୁରାଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଂଜନ କୁମାର ପାଳଙ୍କ ମା । ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପିଡିତ ଥିଲେ । ମୃତ୍ୟୁବେଳେ ଏକମାତ୍ର ଝିଅ ଗୌରାବାଳା, ଜ୍ୱାଇଁ ମିଳିର କୁମାର ପରିଡା, ପୁଅ-ଦିଲ୍ଲିପ, ଅଂଜନ, ରଂଜନ, ଦିଅର ଯୋଗେନ୍ଦ୍ର ପାଳ, ପର୍ଶୁରାମ ପାଳ, ନଗେନ୍ଦ୍ର ପାଳ, ନାତି ଡ. ସସ୍ମିତ ପ୍ରକାଶ ପରିଡା ଓ ପରିବାର ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଗ୍ରାମବାସୀ ଶୋକବ୍ୟକ୍ତ କରିଛନ୍ତି ।

## ବସଷ୍ଟାଣ୍ଡ ଜମି ବିକ୍ରି ଉଦ୍ୟମ ବିରୋଧରେ ଧାରଣା ଆଜି

ବାଲେଶ୍ୱର, ୧୬/୦୬ (ନି.ପ୍ର): ଜିଲାବାସୀଙ୍କ ବିରୋଧ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ରେମୁଣା ଜାନୁଗଞ୍ଜ ମୌଜାର ପ୍ରସ୍ତାବିତ ବସଷ୍ଟାଣ୍ଡ ଜମିରେ ପ୍ରଶାସନ ତଥା ବ୍ରିଟ କର୍ତ୍ତୃପକ୍ଷ ବହୁତଳ ପ୍ରାସାଦ ଓ ବ୍ୟବସାୟ କେନ୍ଦ୍ର ନିର୍ମାଣ ସହ କରୁଥିବା ବିକ୍ରି ଉଦ୍ୟମକୁ ନେଇ ପ୍ରତିବାଦର ସ୍ୱର ତେଜିବାରେ ଲାଗିଛି। ତେଣୁ ବାଲେଶ୍ୱର ସିଭିଲ୍ ସୋସାଇଟି ସମେତ ବହୁ ସାମାଜିକ ସଂଗଠନ ପ୍ରଶାସନର ଜିଲା ବିରୋଧୀ ଆଭିମୁଖ୍ୟ ବିରୋଧରେ ମିଳିତ ଭାବେ ଆସନ୍ତାକାଲି ଅର୍ଥାତ ଶନିବାର୧୦ଟାରୁ ଜିଲାପାଳଙ୍କ ଫାଟକ ସମ୍ମୁଖରେ ଗଣଧାରଣା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମକୁ ସଫଳ କରିବା ଆଜି ମାଇକ ପ୍ରଚାର ସାଙ୍ଗକୁ ସନ୍ଧ୍ୟାରେ ବିଚାରଗଂଜ ଛକରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଂପାଦକ ମନୋଜ ନାୟକ ଓ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ସୀତାରାମ ପ୍ରଧାନ, ସନ୍ତୋଷ ସାହୁ, ଆଇନଜୀବୀ ଅବଦୁଲ ରଫିକ୍, ପରମାନନ୍ଦ ପଣ୍ଡା, ସଞ୍ଜିବ ପତି, ରବୀନ୍ଦ୍ରନାଥ ଅଣ୍ଡିଆ, କାର୍ତ୍ତିକ ଘୋଷ, ସରୋଜ ପଣ୍ଡା, ମହମ୍ମଦ ଇକବାଲ୍ ଓ ଦାମୋଦର ନାୟକ ପ୍ରମୁଖ ଯୋଗଦେଇ ପ୍ରଶାସନର ନିଷ୍ପତ୍ତି ପ୍ରତ୍ୟାହାର ଦାବି କରିଥିଲେ।

## ରାଜ୍ୟ ଯୁବ କଂଗ୍ରେସ ସାମାଜିକ ଗଣମାଧ୍ୟମ ଆବାହକଙ୍କ ମାତୃବିୟୋଗ

ଜଳେଶ୍ୱର , ୧୬/୦୬ (ନି.ପ୍ର): ରାଜ୍ୟ ଯୁବକଂଗ୍ରେସ ସାମାଜିକ ଗଣମାଧ୍ୟମରର ସଂଯୋଜକ ତଥା ଜଳେଶ୍ୱର ବ୍ଲକ ଓଲମରା ପଂଚାୟତ ଗୋପାଳପୁର ଗାଁର ପ୍ରଦୀପ କୁମାର ସିଂଙ୍କ ଧର୍ମପତ୍ନୀ ସ୍ନେହଲତା ସିଂ(୪୪)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଛି । ଆଜି ସକାଳେ ରତକାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ବଡସାହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସାପାଇଁ ନିଆଯାଇଥିବା ବେଳେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏକମାତ୍ର ପୁଅ ଅଂଜନ ସିଂ ରାଜ୍ୟ ଯୁବକଂଗ୍ରେସ ସାମାଜିକ ଗଣମାଧ୍ୟମ ଆବାହକ ତଥା ପିସିସି ଗଣ ମାଧ୍ୟମର ସଂପାଦକ ଭାବେ କାର୍ଯ୍ୟରତ ଅଛନ୍ତି । ସେ ଜଣେ ମେଳାପି, ପରପୋକାରୀ, ମିଷ୍ଟଭାଷୀ, ସ୍ନେହଶିଳ ମହିଳା ଥିଲେ । ସୁବର୍ଣ୍ଣରେଖା ନଦୀତଟ ରାଜନଗର ସଦରଘାଟ ଠାରେ ପୁତ୍ର ଅଂଜନ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ରାସବିହାରୀ ରଣା, ରାଷ୍ଟ୍ରିୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭି, ସାଧାରଣ ସଂପାଦକ ଡ. ସ୍ମୃତିରଂଜନ ଲେଙ୍କା, ଅଭିଲାସ ପତି, ରାଜ୍ୟ କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ, ଜିଲା ଛାତ୍ର ସଭାପତି ଗୌତମ ସାହୁ, ରାଷ୍ଟ୍ରିୟ ସୋସିଆଲ ମିଡିଆ ଚେୟାରମେନ ମନୁ ଜେନା, ସୌରଭ ପାଓ୍ୱାର, ପିସିସି ସୋସିଆଲ ମିଡିଆ ଚେୟାରମେନ୍ ଅଭିସେକ ମହାନନ୍ଦ, ରାଜୀବ ପରିଡା ପ୍ରମୁଖ ଶୋକବକ୍ତ କରିଛନ୍ତି ।

# ୫-ଟି ସଚିବଙ୍କ ଗସ୍ତକୁ ନେଇ ଯମୁନାଶୂଳରେ ବିଜେଡିର ବୈଠକ



ଲଙ୍ଗଳେଶ୍ୱର, ୧୬/୦୬ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ଓ ଜନକଲ୍ୟାଣକାରୀ କାର୍ଯ୍ୟର ସମୀକ୍ଷା କରିବା ପାଇଁ ଆସନ୍ତା ଜୁନ ତୃତୀୟ ସପ୍ତାହରେ ୫-ଟି ସଚିବ ଭିକେ ପାଣ୍ଡିଆନ ବାଲେଶ୍ୱର ଜିଲ୍ଲା ଗସ୍ତରେ ଆସୁଛନ୍ତି । ଏଥିପାଇଁ ବିଜେଡି ଶିବିର ଚଳଚଞ୍ଚଳ ହୋଇଉଠିଛି । ଆସନ୍ତା ୨୨ତାରିଖ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ବସ୍ତା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଙ୍ଗଳେଶ୍ୱର ଗସ୍ତ ନେଇ ସୋମବାର ଅପରାହ୍ନରେ ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତ ଅଧିନସ୍ଥ ଯମୁନାଶୂଳ ପାନ୍ଥନିବାସ ପରିସରରେ ବିଜେଡିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେଡି ଜିଲ୍ଲା ସଭାପତି ତଥା ମାନ୍ୟବର ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଯୋଗ ଦେଇ ମାନ୍ୟବର ୫-ଟି ସଚିବଙ୍କ ଗସ୍ତର ସଫଳତା କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତର ୱାର୍ଡସ୍ତରରୁ କର୍ମୀମାନଙ୍କ ଯୋଗ ଦେବା ଉପରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଂ ଜେନା ଗୁରୁତ୍ୱ ଦେଇଥିଲେ । ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ୫-ଟି ସଚିବଙ୍କ ଗସ୍ତକୁ ସଫଳ କରିବା ଏବଂ ବିଭିନ୍ନ ପ୍ରକଳ୍ପକୁ ଅର୍ଥ ମଞ୍ଜୁର ପାଇଁ ଦାବୀ କରିବା ଦିଗରେ ଆଲୋଚନା କରିଥିଲେ । ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗ ଦେଇ ସମସ୍ତେ ସହଯୋଗ କରି ଏହି ଗସ୍ତ ସଫଳ କରିବାକୁ କହିଥିଲେ । ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ସୀମନ ଦାସ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ,ବେଣୁଧର ଜେନା,କାଞ୍ଚନ ଜେନା,ବ୍ଲକ ମହିଳା ସଭାନେତ୍ରୀ କସ୍ତୁରୀ ବାଳା ପାତ୍ର,ଜିଲ୍ଲା ବିଜୁ କୃଷକ ଜନତା ଦଳ ସଭାପତି ଅଜୟ ସାମଲ, ପୂର୍ବତନ ସରପଞ୍ଚ ଯୁବନେତା ମନ୍ମଥ ଗିରି, ପ୍ରତାପପୁର ସମିତି ସଦସ୍ୟାଙ୍କ ପ୍ରତିନିଧି ତଥା ଯୁବନେତା ହାଡିବନ୍ଧୁ ରାଉତ,ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଦୀପ ଜେନା, ବ୍ଲକ ଯୁବ ବିଜେଡି ସଭାପତି ସଂଗ୍ରାମ ପରିଡା,ବ୍ଲକ ଛାତ୍ର ବିଜେଡି ସଭାପତି ସୁଶାନ୍ତ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ଅଶ୍ୱିନୀ କୁମାର ଜେନା ପ୍ରମୁଖ ବହୁ ଦଳୀୟ ନେତୃବୃନ୍ଦ ଓ ବରିଷ୍ଠ କର୍ମୀ ଉପସ୍ଥିତ ରହି ୫-ଟି ସଚିବଙ୍କ ଗସ୍ତ ସଂପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟ,ପୂର୍ବତନ ଜିଲ୍ଲା ପରିଷଦ ,ସରପଞ୍ଚ, ସମିତି ସଦସ୍ୟ, ୱାର୍ଡ ସଦସ୍ୟଙ୍କ ସମେତ ଶତାଧିକ ନେତୃବୃନ୍ଦ ଯୋଗ ଦେଇଥିଲେ ।

# ବ୍ଲକସ୍ତରୀୟ ଲୋକକଳା ଦିବସ ପାଳିତ



ଜଳେଶ୍ୱର , ୧୬/୦୬ (ନି.ପ୍ର): ବାଲେଶ୍ୱର ଜିଲାର ପ୍ରଥମ ବ୍ଲକ ସ୍ତରୀୟ ଲୋକକଳା ଦିବସ ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ମାନସ ଜେନା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ସିଇଓ ଶରତ କୁମାର ପରିଡା, ବିଡିଓ ପୁନମ ରାଉତ, ଉପାଧ୍ୟକ୍ଷା ସଂଚିତା ସେନାପତି, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ସୋସିଆଲ ଅଫିସର ସଂଧ୍ୟାରାଣୀ ସିଂ, କଳାକାର ସଂଘ ଉପସଭାପତି ଚନ୍ଦ୍ରମୋହନ ରାଉଳ ପ୍ରମୁଖ ଯୋଗ ଦେଇ ଲୁପ୍ତପ୍ରାୟ କଳାକୁ ପୁନଃ ଉଦ୍‌ଜିବିତ କରିବା ପାଇଁ ସରକାରଙ୍କ ଏହା ପ୍ରୟାସ ବୋଲି କହିଥିଲେ । ଜିବିକା ମିଶନ ଆନୁକୂଲ୍ୟାରେ ୩୦ଟି ଏସ୍‌ଏସ୍‌ଜି ଗୋଷ୍ଠୀର ମହିଳାମାନେ ପିଠା, ଝୋଟି, ପୁଚି ପ୍ରତିଯୋଗିତାରେ ଭାଗ ନେଇଥିଲେ । ପଂଚାୟତର କୃତି ଏସ୍‌ଏସ୍‌ଜି ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା । ସଭା ପୂର୍ବରୁ ବ୍ଲକ ଅଧ୍ୟକ୍ଷ ଓ ବିଡିଓଙ୍କ ନେତୃତ୍ୱରେ କଳାକାର ମାନଙ୍କ ଦ୍ୱାରା ଏକ ସଭାଯାତ୍ରା କାଳୀମନ୍ଦିର ଠାରୁ ବ୍ଲକ ଯାଏ ଆସିଥିଲା । ବ୍ୟାଣ୍ଡ, ମାଦଳ, ସଂକିର୍ତ୍ତନ ଓ ଚାଙ୍ଗୁ ବାଦ୍ୟକାର ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

# ରୂପସା ଷ୍ଟେସନ କଲୋନିରେ ବ୍ରହ୍ମଯଜ୍ଞ



ରୂପସା , ୧୬/୦୬ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମ ଆନୁକୂଲ୍ୟରେ,ଆଶ୍ରମର କୋଷାଧକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଙ୍କ ବାସଭବନରେ,ତାଙ୍କର କନିଷ୍ଠ ସୁପୁତ୍ର ମୁନି ବିଶ୍ୱଜିତ୍ ମିସ୍ତ୍ରୀ - ମୁନିମତୀ ସୁକାନ୍ତି ମିସ୍ତ୍ରୀ ଙ୍କ ପ୍ରଥମ ନବଜାତ କନ୍ୟାଙ୍କର ଜାତକର୍ମ ଏବଂ ନାମକରଣ ସଂସ୍କାର ମୂଳକ କାର୍ଯ୍ୟକ୍ରମମାନ,ମୁନି ସମାଜର ଜ୍ୟୋତି,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ମହୋଦୟ ଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ପ୍ରାନ୍ତୀୟ ସହ ସମ୍ପାଦକ,ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ବାଖରାବାଜ ଶିବମୁନି ଯୋଗାଶ୍ରମରୁ ଆସିଥିବା, ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମୁନିଜୀ ମହୋଦୟ ।ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରି ଶୁଭ ଆଶିର୍ବାଦ ପ୍ରଦାନ କରିଥିଲେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ ଏବଂ ମୁନିରାଜ ଅମୂଲ୍ୟ ମୁନିଜୀ ମହୋଦୟ। ଜେଜେମା, ଆଶ୍ରମର ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା ଦିବ୍ୟାନନ୍ଦରେ ତଲ୍ଲୀନ ହୋଇ ନାତୁଣୀର ନାମ କରଣ କରିଥିଲେ,ଦିବ୍ୟାକୃତି । ପାଖ ପଡିଶା, ବନ୍ଧୁ ବାନ୍ଧବ, ସମୁଦି-ସମୁଦୁଣୀ, ବଡବାପା-ବଡମାଆ,ମୁନି -ମୁନିମତୀ, ପରିବାରର ସଦସ୍ୟ ସଦସ୍ୟା ମାନଙ୍କ ଗହଣରେ ଏକ ଉତ୍ସବ ମୁଖର ପରିବେଶ ମଧ୍ୟରେ,ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ, ଜାତକର୍ମ,ନାମକରଣ ସଂସ୍କାର ମୂଳକ କାର୍ଯ୍ୟକ୍ରମମାନ କରାଯାଇ,ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନରସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଥିଲେ ମୁନି ଶାନ୍ତନୁ ମିସ୍ତ୍ରୀ,ମୁନିମତୀ ସରସ୍ୱତୀ ନନ୍ଦ,ମୁନିମତୀ ଫୁଲମଣୀ ବେହେରା ଏବଂ ମୁନି କୁମାର ତ୍ରିଶାନ୍ ମିସ୍ତ୍ରୀ ଇତ୍ୟାଦି ।ଶେଷରେ ଜେଜେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

## ଜ୍ୱାଇଁ ଘରକୁ ଭୋଜି ଖାଇବାକୁ ଆସି ହୃଦଘାତରେ ଶାଶୁଙ୍କ ମୃତ୍ୟୁ

ଲଙ୍ଗଳେଶ୍ୱର ୧୬/୬(ନିପ୍ର)- ସିଂଲା ଥାନା ଅନ୍ତର୍ଗତ ଇଡିଦା ପଞ୍ଚାୟତ ମଛଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମୈକାପ ଙ୍କ ସ୍ତ୍ରୀ ଦେବକୀ ମୈକାପ ଙ୍କ ହୃଦଘାତ ଜନିତ ରେ ମୃତ୍ୟୁ ହୋଇଥିବା ଜଣା ପଡିଛି, ସୂଚନା ଅନୁଯାୟୀ ପୂର୍ଣ୍ଣଚନ୍ଦ୍ର ଏବଂ ତାଙ୍କ ସ୍ତ୍ରୀ ଦେବକୀ ପୁଟୁରା ପଞ୍ଚାୟତ ବାଲିସାହି ସ୍ଥିତ ଜ୍ୱାଇଂ ଶୁଭେନ୍ଦୁ ଶେଖର ରାଉତ ପିତା ସୁଧାଂଶୁ ଙ୍କ ଘରକୁ ଗୃହ ପ୍ରତିଷ୍ଠା ଏବଂ ନାତୁଣୀଙ୍କ ଅନ୍ନ ପ୍ରସନ୍ନ ଅବସରରେ ଆସିଥିବା ବେଳେ ପ୍ରବଳ ଗରମ ସାଙ୍ଗକୁ ଘନ ଘନ ବିଦ୍ୟୁତ କାଟ ଯୋଗୁଂ ଦେବକୀ ଚେତାଶୂନ୍ୟ ହୋଇ ମୃତ୍ୟୁ ବରଣ କରିଥିଲେ , ମୃତ୍ୟୁ ବେଳକୁ ତାଙ୍କୁ ୫୨ ବର୍ଷ ବୟସ ହୋଇଥିଲା , ତେବେ ବାରମ୍ବାର ବିଦ୍ୟୁତ କାଟ ଯୋଗୁଁ ଅତିଷ୍ଠ ହୋଇ ପଡିଥିବା ବେଳେ ବିଦ୍ୟୁତ ବିଭାଗ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି !

## ଗୋରୁ ଚୋରା ଚାଲାଣ ବେଳେ ପୁଲିସର ଚଢାଉ:୧୪ ଗୋରୁ ଉଦ୍ଧାର, ଡ୍ରାଇଭର୍ ଗିରଫ୍

ବସ୍ତା,୧୬।୬(ନିପ୍ର): ବାଲେଶ୍ୱର ଜିଲ୍ଲା ୬୦ ନମ୍ବର ଜାତୀୟ ରାଜପଥ ରେ ଏକ ପିକଅପ୍ ରେ ବେଆଇନ ଭାବେ ଗୋରୁ ପର୍ଶ୍ଚିମବଙ୍ଗ ଚାଲାଣ ହେଉଥିବା ବେଳେ ବସ୍ତା ପୁଲିସ ଚଢାଉ କରି ୧୪ ଟି ଗୋରୁ କୁ ଉଦ୍ଧାର କରିବା ସହିତ ପିକଅପ୍ କୁ ଜବତ କରିଛି। ଏଥି ସହିତ ଡ୍ରାଇଭର୍ କୁ ମଧ୍ୟ ଗିରଫ୍ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ବୁଧୁବାର ବିଳମ୍ବିତ ରାତିରେ ସିଂଲା ଥାନା ଅନ୍ତର୍ଗତ କାଦରାୟା ରୁ ଏକ ପିକଅପ୍ ରେ ଗୋରୁ ଭର୍ତ୍ତୀ ହୋଇ ପର୍ଶ୍ଚିମବଙ୍ଗ ଯାଉଥିବା ବେଳେ ପେଟ୍ରୋଲିଂ ରେ ଥିବା ଏ ଏସ୍ ଆଇ ବୁଦ୍ଧିଆ ମୁର୍ମୁ ସଦଳବଳେ ଗାଡ଼ି କୁ ପିଛା କରି ଚାଲନ୍ତି ବାଇପାସ୍ ଠାରେ ପିକଅପ୍ କୁ ଜବତ କରି ବସ୍ତା ଥାନା କୁ ଆଣିଥିଲେ ଓ ଡ୍ରାଇଭର କୁ ଗିରଫ୍ କରିଥିଲେ। ଡ୍ରାଇଭର୍ ଜଣଙ୍କ ହେଲେ ରାୟା ରାମଚନ୍ଦ୍ର ପୁର୍ ଅନନ୍ତ ବେହେରା। ଉଦ୍ଧାର ୧୪ ଟି ଗୋରୁ କୁ ରେମୁଣା ଗୋଶାଳା କୁ ପଠାଇ ଦିଆଯାଇ ଥିବା ବେଳେ ପୁଲିସ ୧୮୧ ?୨୩ ନମ୍ବର ର ଏକ ମାମଲା ରୁଜୁ କରି ଡ୍ରାଇଭର କୁ ଗୁରୁବାର କୋର୍ଟ ଚାଲାଣ କରିଛି।

## ଯୁବକ ସଂଘ ପକ୍ଷରୁ ବିଶାଳ ରକ୍ତଦାନ ଶିବିର

ନୀଳଗିରି , ୧୬/୦୬ (ନି.ପ୍ର): ଔପଦକ୍ଷ ବ୍ଲକ୍ କାଣ୍ଡଗରଡି ପଞ୍ଚାୟତ କାନପୁର ଗ୍ରାମରେ ଯୁବକ ସଂଘ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯେତେବେଳେକି ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ ସବୁଠି ରଜ ପର୍ବରେ ସମସ୍ତେ ମସଗୁଲ୍ ଥିବାବେଳେ କାନପୁର ଗ୍ରାମର ଯୁବକମାନେ ଏକ ମହତ ଉଦ୍ଦେଶ୍ୟ ରଖି ରକ୍ତଦାନ ଭଳି କାର୍ଯ୍ୟକୁ ହାତକୁ ନେଇଥିଲେ। ରକ୍ତଦାନ ଶିବିରକୁ ପୂର୍ବତନ ଜିଲ୍ଲପରିଷଦ ଶୁଭେନ୍ଦୁ ଶେଖର ଜେନା । ଏହି ରକ୍ତଦାନ ଶିବିରରେ ବହୁ ସଂଖ୍ୟାରେ ଯୁବକ ଯୁବତୀ, ମହିଳା ମାନେ ଆଗ୍ରହର ସହିତ ରକ୍ତଦାନ କରିଥିଲେ। ସନ୍ତରାଗଡିଆ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶଶିକାନ୍ତ ବେହେରା, ଶ୍ରଦ୍ଧାଞ୍ଜଳି ଜେନା, ଜଗବନ୍ଧୁ ବ୍ରହ୍ମ, ମାର୍କଣ୍ଡ ପ୍ରଧାନ, ଦିଲ୍ଲୀପ ଜେନା, ସୁଶାନ୍ତ ବ୍ରହ୍ମ, ତାରାକାନ୍ତ ପ୍ରଧାନ, ବଳରାମ ରାଉତ, ତାପସ ରାଉତ, ପ୍ରଦ୍ୟୁମ୍ନ ଜେନା, ମନୋଜ ନାୟକ, ରଧାଗୋବିନ୍ଦ୍ ଦଳପତି, ଗଙ୍ଗାଧର ପ୍ରଧାନ, କାର୍ତ୍ତିକ ଓଝା ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ ମୋଟ ୭୯ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# କ୍ୱିନୋଆ ପଲାଓ



**ସାମଗ୍ରୀ:**

ଏକ କପ୍ କ୍ୱିନୋଆ, ୨ ଚାମଚ ଘିଅ ବା ତେଲ, ୧ ଚାମଚ କଟା ପିଆଜ, ଏକ ଚାମଚ କଟା କଞ୍ଚା ଲଙ୍କା, ଅଧା ଚାମଚ ଅଦା-ରସୁଣ ପେଷ୍ଟ, ୧/୪ କପ୍ କା ଗାଜର, ୧/୪ ସବୁଜ ମଟର, ୨/୩ଟି କଟା ବିନ୍ସ, ଗୋଟିଏ ଛୋଟ କଟା ଟମାଟୋ, ୧୦/୧୨ଟି ପୋଦିନା ପତ୍ର, ୩/୪ ଚାମଚ ଗରମ ମସଲା, ୧/୪ ଚାମଚ ଲାଲ୍ ଲଙ୍କା ଗୁଣ୍ଡ ଓ ୨ କପ୍ ପାଣି ।

**ପ୍ରଣାଳୀ:**

◆ପ୍ରଥମେ କ୍ୱିନୋଆକୁ ଏକ ପାତ୍ରରେ ନେଇ ୩/୪ କପ୍ ପାଣି ଦେଇ ଭଲ ଭାବେ ଧୋଇ ଦିଅନ୍ତୁ ।

◆ପରେ ଏଥିରେ ଥିବା ସମସ୍ତ ପାଣିକୁ ନିଗାଡ଼ି ନିଅନ୍ତୁ ।

◆ଏବେ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ କଟା ପିଆଜକୁ ପକାଇ ସୁନେଲୀ ହେବା ଯାଏ ଭାଜନ୍ତୁ ।

◆ଭଜା ପିଆଜରେ ଅଦା-ରସୁଣ ପେଷ୍ଟ ପକାଇ ହଳଦୀ ଗୁଣ୍ଡ, ଲାଲ୍ ଲଙ୍କା ଗୁଣ୍ଡ ଓ ଗରମ ମସଲା ପକାନ୍ତୁ ।

◆ଏବେ କଟା ହୋଇଥିବା ପରିବାକୁ ଭଜା ମସଲାରେ ପକାନ୍ତୁ । ଭଲ ଭାବେ ମିଶାଇ ୨ ମିନିଟ୍ ପାଇଁ ଢାଙ୍କୁଣୀ ଢାଙ୍କି ଦିଅନ୍ତୁ । ଗ୍ୟାସ୍‌କୁ ସାମାନ୍ୟ ସିମ୍ କରି ଦିଅନ୍ତୁ ।

◆ସାମାନ୍ୟ ଫୁଟିବା ପରେ ସେଥିରେ କ୍ୱିନୋଆକୁ ପକାଇ ଢାଙ୍କି ଦିଅନ୍ତୁ । ସେଥିରେ ଥିବା ପାଣି ଭଲରେ ଶୁଖିବା ଯାଏ ଛାଡ଼ି ଦିଅନ୍ତୁ ।

◆ପାଣି ଭଲ ଭାବେ ଶୁଖିବା ପରେ କ୍ୱିନୋଆଗୁଡ଼ିକ ଫୁଲି ଫୁଲି ଯିବ । ଏବେ ଏହାକୁ ପରିବେଷଣ କରିବା ସମୟରେ ଲେମ୍ବୁ ରସ ପକାଇବାକୁ ଭୁଲନ୍ତୁ ନାହିଁ ।

# ଯୁବପିଢ଼ିଙ୍କ ପସନ୍ଦ ଷ୍ଟାଇଲିସ୍ ସ୍ଲିଙ୍ଗ୍ ବ୍ୟାଗ୍





**ମେସେଞ୍ଜର ବ୍ୟାଗ୍:** ମେସେଞ୍ଜର ବ୍ୟାଗ୍‌ଟି ସ୍ଲିଙ୍ଗ୍ ବ୍ୟାଗ ତୁଳନାରେ ଟିକେ ବଡ଼ ରହୁଛି । ଏଥିରେ ସ୍ଲିଙ୍ଗ୍ ବ୍ୟାଗରେ ନିଆଯାଇ ପାରୁଥିବା ଦରକାରୀ ସାମଗ୍ରୀ ସମେତ ଆଉ କିଛି ଅଧିକ ଏବଂ ବଡ଼ ଆକୃତିର ଜିନିଷପତ୍ର ନେବାଆଣିବା କରିହେଉଛି । ଯଥା ସରକାରୀ କାଗଜପତ୍ର, ମିନି ଲାପଟପ୍ ଏବଂ ଆଇପ୍ୟାଡ୍ ଆଦି ନିଆଯାଇ ପାରୁଛି ।

**ଭଳିକି ଭଳି ଡିଜାଇନ୍:** ସ୍ଲିଙ୍ଗ୍ ବ୍ୟାଗଗୁଡ଼ିକ ବିଭିନ୍ନ ଡିଜାଇନରେ ପ୍ରସ୍ତୁତ ହୋଇଛି । ପୁରୁଷମାନେ ଗାଡ଼ି ଚଳାଇବା କିମ୍ବା ଯିବାଆସିବା ସମୟରେ ହାତରେ ଧରି ପାରୁଛନ୍ତି କିମ୍ବା କାନ୍ଧରେ ପକାଇ ପାରୁଛନ୍ତି । କାନ୍ଧରେ ପକାଇବା ପରେ ବ୍ୟାଗ୍‌ଟି ସାଧାରଣତଃ ଅଣ୍ଟା ପାଖରେ ଝୁଲି ରହୁଛି । ଫଳରେ ଏଥିରେ ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ଦରକାରୀ କାଗଜପତ୍ର ନେବା ସହଜ ହେଉଛି । ବିଭିନ୍ନ ରଙ୍ଗରେ ଏହି ବ୍ୟାଗ୍‌ଗୁଡ଼ିକ ଆସୁଛି । ଯୁବକମାନେ ହାଲୁକା ରଙ୍ଗର ସ୍ଲିଙ୍ଗ୍ ବ୍ୟାଗ ପସନ୍ଦ କରୁଥିବାବେଳେ ମହିଳାମାନେ ଟିକେ ରଙ୍ଗିନ ବ୍ୟାଗ୍ ନେବାକୁ ପସନ୍ଦ କରୁଛନ୍ତି ବୋଲି ରାଜଧାନୀର ଗୋଟିଏ ପ୍ରମୁଖ ସୋରୁମ୍‌ର ସ୍ୱତ୍ୱାଧିକାରୀ କହିଛନ୍ତି । ସେହିଭଳି ବିଭିନ୍ନ ମ୍ୟାଟେରିଆଲ୍‌ରେ ଏହି ବ୍ୟାଗଗୁଡ଼ିକ ଆସୁଛି । କରୋନା ପାଇଁ ଏହି ବ୍ୟବସାୟୀ କିଛିଟା ପ୍ରଭାବିତ ହୋଇଛି । ସ୍କୁଲ କଲେଜ ଦୀର୍ଘଦିନ ଧରି ବନ୍ଦ ରହିବା ସହିତ କମ୍‌ସଂଖ୍ୟକ କର୍ମଚାରୀଙ୍କୁ ନେଇ ଅଫିସ ଚାଲିବା ଯୋଗୁ ଏହାର ଚାହିଦା କମିଯାଇଥିଲା ।

**ଦାମ୍ ଓ ବ୍ରାଣ୍ଡ:** ବ୍ରାଣ୍ଡେଡ୍ କମ୍ପାନୀ ଗୁଡ଼ିକ ଏକ୍ଷେତ୍ରରେ ପ୍ରବେଶ କରିଛନ୍ତି । ସେମାନଙ୍କ ମଧ୍ୟରେ ୱାଇଲ୍ଡକ୍ରାଫ୍ଟ, ଫାଷ୍ଟ୍ରାକ୍, ଲାଭି, ଭିଆଇପି, ଆମେରିକାନ୍ ଟୁରିଷ୍ଟର, ସାମସୋନାଇଟ ଏବଂ ସଫାରି ଆଦି କମ୍ପାନି ରହିଛନ୍ତି । ଏକ୍ସକ୍ଲୁସିଭ ସୋ' ରୁମ୍ ସମେତ ମଲ୍ଟି ବ୍ରାଣ୍ଡ ସୋରୁମ୍‌ରେ ଏହି ବ୍ୟାଗ୍ ଉପଲବ୍ଧ ହେଉଛି । ୱାଇଲ୍ଡକ୍ରାଫ୍ଟ ସୋରୁମ୍‌ରେ ଏହି ଦୁଇ ପ୍ରକାର ବ୍ୟାଗ୍ ମଧ୍ୟରୁ ସ୍ଲିଙ୍ଗ୍ ବ୍ୟାଗର ଦାମ୍ ୪୦୦ ଟଙ୍କାରୁ ଆରମ୍ଭ ହୋଇ ୧୦୯୯ ଟଙ୍କା ପର୍ଯ୍ୟନ୍ତ ରହିଛି । ସେହିଭଳି ମେସେଞ୍ଜର ବ୍ୟାଗ୍‌ଗୁଡ଼ିକର ଦାମ୍ ୮୫୦ ଟଙ୍କାରୁ ଆରମ୍ଭ ହୋଇ ୧୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ।

ଯୁବବର୍ଗର ଲୋକମାନେ ଆଜିକାଲି ଅଧିକାଂଶ ସମୟରେ ବାହାରକୁ ବିଭିନ୍ନ କାର୍ଯ୍ୟରେ ଯାଉଛନ୍ତି । ଅଫିସକୁ ଯିବା ସହିତ ବାହାରକୁ ଯାତ୍ରା କରୁଛନ୍ତି । ଏଥିପାଇଁ ସାଥୀରେ ଅନେକ କିଛି ଆବଶ୍ୟକ କାଗଜପତ୍ର, ମୋବାଇଲ ଫୋନ, ଟଙ୍କା ପଇସା ଆଦି ନେବାକୁ ପଡୁଛି । ମହିଳାମାନଙ୍କୁ ମଧ୍ୟ ଏସବୁ ଆବଶ୍ୟକ ସାମଗ୍ରୀ ସହିତ ପ୍ରସାଧାନ ସାମଗ୍ରୀ ବାହାରକୁ ଯିବା ସମୟରେ ନେବାକୁ ହେଉଛି । ଏହାକୁ ଦୃଷ୍ଟିରେ ରଖି ବଜାରରେ ବିଭିନ୍ନ ପ୍ରକାର ବ୍ୟାଗ୍ ଆସିଯାଇଛି । ବିଶେଷକରି ଟ୍ରାଭେଲ୍ ସାମଗ୍ରୀ ପ୍ରଦାନ କରୁଥିବା କମ୍ପାନୀ ଗୁଡ଼ିକ ଏସବୁ ବ୍ୟାଗ୍ ବଜାରରେ ବିକ୍ରି କରୁଛନ୍ତି । ଏହି ବ୍ୟାଗ୍‌ଗୁଡ଼ିକୁ ମୁଖ୍ୟତଃ ସ୍ଲିଙ୍ଗ୍ ବ୍ୟାଗ୍ କୁହାଯାଉଛି । ବିଶେଷକରି ଆଇଟି କ୍ଷେତ୍ରରେ ଏବଂ ଭଲ ଭଲ କର୍ପୋରେଟ୍ କାର୍ଯ୍ୟାଳୟରେ ଚାକିରି କରୁଥିବା ଯୁବକ ଓ ଯୁବତୀମାନେ ଏହି ବ୍ୟାଗ୍ ଅଧିକ ମାତ୍ରାରେ କିଣୁଛନ୍ତି । କେବଳ ଆବଶ୍ୟକତା ପୂରଣ ନୁହେଁ, ଅନ୍ୟମାନଙ୍କଠାରୁ ଭିନ୍ନ ବୋଲି ଜଣାଇବା ପାଇଁ ଗ୍ରାହକମାନେ ଏହି ଷ୍ଟାଇଲିସ୍ ବ୍ୟାଗ୍ କିଣୁଛନ୍ତି ।

# ହାର୍ଣ୍ଣିଆରୁ ମୁକ୍ତି ଦେବ ହଳାସନ



ସର୍ବାଙ୍ଗାସନ ପରି ଚିତ୍ ହୋଇ ଶୋଇ ଦୁଇ ହାତକୁ ଶରୀରର ଦୁଇ ପାଖରେ ଲମ୍ବାଇ ରଖନ୍ତୁ। ହାତ ପାପୁଲି ନିମ୍ନକୁ ରଖନ୍ତୁ। ଦୁଇ ପାଦକୁ ଯୋଡ଼ି ଉପରକୁ ଉଠାନ୍ତୁ। ଭୂମି ସହିତ ୨୦ ଡିଗ୍ରୀ କୋଣ କରି କିଛି ସମୟ ରହିବା ପରେ ପୁଣି ଉପରକୁ ଉଠାନ୍ତୁ। ୬୦ ଡିଗ୍ରୀ କରି କିଛି ସମୟ ରହିବା ପରେ ୨୦ଡିଗ୍ରୀ ବଢ଼ାଇ ୯୦ ଡିଗ୍ରୀ କରି ରଖନ୍ତୁ। ଯେଉଁମାନଙ୍କର ପିଠିରେ ବେଶୀ ଯନ୍ତ୍ରଣା ହେବ ସେମାନେ ପ୍ରଥମେ ଅର୍ଦ୍ଧ ହଳାସନ ଅଭ୍ୟାସ କରି ପରେ ପୂର୍ଣ୍ଣ ରୂପେ କରନ୍ତୁ। ଦୁଇପାଦ ମୁଣ୍ଡରେ ପଛକୁ ନେଇ ଭୂମିରେ ଲଗାନ୍ତୁ। ଜଙ୍ଘ ଓ ଲଲାଟ ମଧ୍ୟରେ ଚାରି ଆଙ୍ଗୁଳି ତଫାତ୍ ରହିବା ଉଚିତ୍। ଯେପରି ଦୁଇ ହାତ ପଛକୁ ଆଗକୁ ଲମ୍ବ ହୋଇ ଭୂମିରେ ରହିବା ସହ ହାତ ଉପରେ ଆଦୌ ଚାପ ପଡ଼ିବା ଉଚିତ ନୁହେଁ। କେତେକ ଦୁଇ ହାତରେ ଅଂଟାକୁ ଠେଲି ରଖନ୍ତି ତ ଆଉ କେତେକ ମୁଣ୍ଡ ପଛକୁ ନେଇ ପାଦ ଆଙ୍ଗୁଳିକୁ ଛୁଇଁଥାନ୍ତି। ପ୍ରଥମ ଦିନ ଥରେ କରି ତା'ପରଠାରୁ ୩/୪ ଥର ଅଭ୍ୟାସ କଲେ ଭଲ ଲାଭ ମିଳିଥାଏ। ୧୨ବର୍ଷ ବୟସ ନହେଲେ ଏ ଆସନ କରିବା ଉଚିତ୍ ନୁହେଁ। ଏହାକୁ କଲାବେଳେ ସବୁବେଳେ ଶରୀର ଢିଲା ରହିବା ଦରକାର। ଏହି ଆସନକୁ କରିବା ଫଳରେ କାନ୍ଧ ଶକ୍ତ ହୋଇଥାଏ, ମେଦହ୍ରାସ ହୁଏ, ହାର୍ଣ୍ଣିଆରୁ ମୁକ୍ତି ମିଳେ, ମାନସିକ ଶାନ୍ତି ମିଳେ, ମାସିକ ଧର୍ମ ନିୟମିତ ହୁଏ ଓ ଗର୍ଭାଶୟ ବିକୃତି ଦୂର ହେବା ସହ ସନ୍ଧ୍ୟା ଦୋଷ ମଧ୍ୟ ଦୂର ହୋଇଥାଏ।

# ଘୁଙ୍ଗୁଡ଼ିରୁ ମୁକ୍ତି ଦେବ ସ୍ମାର୍ଟ ତକିଆ

ନିଦରେ ଘୁଙ୍ଗୁଡ଼ି ମାରିବା ଅନେକଙ୍କ ଅଭ୍ୟାସ। ଏହା ଦ୍ୱାରା ନିଜର କ୍ଷତି ହେବା ସହ ପାଖ ଲୋକ ମଧ୍ୟ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏଭଳି ସମସ୍ୟାରୁ ମୁକ୍ତି ଦେବ ସ୍ମାର୍ଟ ତକିଆ। ଲଣ୍ଡନର ବୈଜ୍ଞାନିକମାନେ ଏହି ତକିଆ ତିଆରି କରିଛନ୍ତି। ତକିଆରେ ଏକ ମାଇକ୍ରୋଫୋନ୍ ଖଞ୍ଜା ହୋଇଛି, ବ୍ୟକ୍ତି ଘୁଙ୍ଗୁଡ଼ି ମାରିବା ମାତ୍ରେ ଏହା କମ୍ପନ କରେ। ଫଳରେ ତକିଆ ୩ ଇଂଚ ପର୍ଯ୍ୟନ୍ତ କମିଯାଏ। ତକିଆ କମିଯିବା ପରେ ଶୋଇବାରେ ଅସୁବିଧା ହୁଏ। ଏଣୁ ବ୍ୟକ୍ତି ଉଠିପଡେ ନଚେତ୍ ଘୁଙ୍ଗୁଡ଼ି ବନ୍ଦ କରିଦିଏ। ଘୁଙ୍ଗୁଡ଼ି ଚାଲୁ ରହିଲେ ତା'ର ଶବ୍ଦ ହ୍ରାସ କରିବାରେ ମଧ୍ୟ ଏହି ସ୍ମାର୍ଟଫୋନ୍ ସକ୍ଷମ।

# ବାନ୍ଧନୀ ଓ ପାଟନ ପଟୋଲା ଶାଢ଼ିର ଫ୍ୟାସନ୍







ବାନ୍ଧନୀ ପ୍ରିଣ୍ଟର ଶାଢ଼ି ଓ ଡ୍ରେସ୍‌ର ଫ୍ୟାସନ ଏହି ସମୟରେ ଖୁବ୍ ଚାଲିଛି । ରଙ୍ଗିନ ଛୋଟ ଛୋଟ ପ୍ରିଣ୍ଟର ଶାଢ଼ି ଓ ଓଢ଼ଣି ନିଶ୍ଚିତ ଭାବରେ ଦେଖିଥିବେ । ଏହାକୁ ବାନ୍ଧନୀ ପ୍ରିଣ୍ଟ କୁହାଯାଏ । ଗୁଜରାଟ ଓ ରାଜସ୍ଥାନର ପାରମ୍ପରିକ ଷ୍ଟାଇଲ ଆଜିକାଲି ସବୁ ସ୍ଥାନର ମହିଳାମାନେ ପସନ୍ଦ କରୁଥିବାର ଦେଖାଯାଉଛି । ସେଲିବ୍ରିଟିମାନେ ମଧ ଏହି ପ୍ରିଣ୍ଟର ଡ୍ରେସ୍‌ରେ ନଜର ଆସନ୍ତି । ବର୍ତ୍ତମାନ ସମୟରେ ଏହି ପ୍ରିଣ୍ଟ ଲାଟେଷ୍ଟ ଟ୍ରେଣ୍ଡ ହୋଇଗଲାଣି । କେବଳ ବାନ୍ଧନୀ ନୁହେଁ, ଅନ୍ୟ ଏକ ବିଶେଷ ପ୍ରକାରର ପ୍ରିଣ୍ଟର ଶାଢ଼ି ବା ଡ୍ରେସ୍ ମଧ ସମସ୍ତେ ପସନ୍ଦ କରୁଛନ୍ତି, ତାହା ହେଲା ପାଟନ ପଟୋଲା ଶାଢ଼ି ।

◆ପଟୋଲା ଶାଢ଼ିର ବିଶେଷତ୍ୱ ହେଲା ଏହାର ଦୁଇଟି ଯାକ ପାର୍ଶ୍ୱରୁ ପିନ୍ଧି ହେବ। ଏହାର ସିଧା ଓ ଓଲଟା ଗୋଟିଏ ପ୍ରକାରର । ଏହି କାରଣ ପାଇଁ ଏହାକୁ ଡବଲ୍ ଇକତ କୁହାଯାଏ । ଡବଲ ଇକତ (ଏକା ଭଳି) ସୂତାର ଲମ୍ବା ଓ ଚଉଡ଼ାକୁ କ୍ରସ୍ କରି ବୁଣାଯାଏ, ଯାହାଦ୍ୱାରା ଏହାର ସିଧା ଓ ଓଲଟା ମଧରେ ପାର୍ଥକ୍ୟ ଜଣା ପଡ଼େନାହିଁ ।

◆କୁହାଯାଏ ସେ ସୋଲଙ୍କି ବଂଶର ରାଜା କୁମାରପାଳ ମହାରାଷ୍ଟ୍ରର ଜଲନା ବାହାରରୁ ୭୦୦ ବୁଣାକାରଙ୍କୁ ପାଟନରେ ରହିବାକୁ କହିଥିଲେ। ସେ ସମୟରେ ରାଜା ବିଶେଷ ଅବସରରେ ପଟୋଲା ସିଲ୍‌କର ପଟ୍ଟା ପିନ୍ଧୁଥିଲେ । ବର୍ତ୍ତମାନ ସମୟରେ ପାଟନରେ କେବଳ ତିନିଜଣ ଏପରି ପରିବାର ଅଛନ୍ତି ଯେଉଁମାନେ ଅରିଜିନାଲ ପାଟନ ପଟୋଲା ଶାଢ଼ିର କାରବାର କରୁଛନ୍ତି ।

◆ଏହି ଶାଢ଼ିର ଅନ୍ୟ ଏକ ବିଶେଷତ୍ୱ ହେଉଛି ଏହାର ରଙ୍ଗ କେବେ ମଧ ହାଲୁକା ହୁଏନାହିଁ । ପଟୋଲା ଶାଢ଼ିରେ ନର୍ତ୍ତକୀ, ହାତୀ, ଘୋଡ଼ା, ଓଷ୍ଠ ପତ୍ର, ଶୁଆ ଇତ୍ୟାଦି ଆକୃତିର ଡିଜାଇନ କରାଯାଇଥାଏ ।

◆ଗୁଜରାଟରେ ବାନ୍ଧନୀ ପ୍ରିଣ୍ଟ ସହିତ ପଟୋଲା ଶାଢ଼ିକୁ ମହିଳାମାନେ ବେଶି ପସନ୍ଦ କରନ୍ତି । ଏହି ପ୍ରିଣ୍ଟର ଇତିହାସ ଅନେକ ପୁରୁଣା । ପଟୋଲା, ଗୁଜରାଟର ଏକ ପ୍ରକାରର ରେଶମୀ ଶାଢ଼ି, ଯାହାକୁ ବୁଣିବା ପୂର୍ବରୁ ନିର୍ଦ୍ଧାରିତ ସ୍ଥାନରେ ଗଣ୍ଠି ବାନ୍ଧି ରଙ୍ଗ ଦିଆଯାଏ । ଗୁଜରାଟର ଟ୍ରେଡମାର୍କକୁ ପଟୋଲା ଶାଢ଼ି ତିଆରି କରିବା ପ୍ରଣାଳୀ ପାଇଁ ଦାମୀ ବୋଲି କୁହାଯାଏ । ଏହି ଶାଢ଼ି ବା ଡ୍ରେସ୍‌କୁ ତିଆରି କରିବା ପାଇଁ ବ୍ୟବହାର କରାଯାଉଥିବା ରେଶମୀ ସୂତା କର୍ଣ୍ଣାଟକ ବା ପଶ୍ଚିମ ବଙ୍ଗରୁ କିଣାଯାଏ । ଏହି ସୂତା ଦ୍ୱାରା ଶାଢ଼ିର ଚମକ ଅନେକ ଗୁଣ ବଢ଼ିଥାଏ ।

# ବ୍ଲଡ ସୁଗାର ଲେବୁଲକୁ କଂଟ୍ରୋଲ କରିବାକୁ ଚାହୁଁଛନ୍ତି କି ? ରାତିରେ ଶୋଇବା ପୂର୍ବରୁ କରନ୍ତୁ ଏହି ଉପାୟ




ଆଜିକାଲି ଦୁନିଆରେ ଡ଼ାଇବେଟିସ ଏକ କ୍ରନିକ ରୋଗ ଅଟେ । ଏହି ରୋଗକୁ ସମ୍ପୂର୍ଣ୍ଣ ଠିକ କରାଯିବା ଅସମ୍ଭବ, କିନ୍ତୁ ଲାଇଫଷ୍ଟାଇଲକୁ ବଦଳାଇ ଏହାକୁ କଣ୍ଟ୍ରୋଲ କରାଯାଇପାରିବ । ଡ଼ାଇବେଟିସ ରୋଗୀ ନିଜର ଖାଦ୍ୟ ପାନୀୟକୁ ଠିକ ରଖିବା ସହ ଜୀବନ ପ୍ରଣାଳୀର ଯତ୍ନ ନେବା ନିହାତି ଆବଶ୍ୟକ । ଏପରି ରୋଗୀଙ୍କୁ ଭରପୁର ନିଦ ସହ ଷ୍ଟ୍ରେସ କମ ନେବା, ଏବଂ ରାତିରେ ରିଲାକ୍ସ ହୋଇ ଶୋଇବା ଦରକାର । ତେବେ ଡ଼ାଇବେଟିସ ରୋଗୀଙ୍କ ପାଇଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଜିନିଷ ହେଉଛି ନିଦ୍ରା, କାରଣ ଏହାଦ୍ୱାରା ଶରୀରରେ ସୁଗାର ଲେବୁଲ କମିବାରେ ସାହାଯ୍ୟ କରିଥାଏ । ତେବେ ଆସନ୍ତୁ ଜାଣିବା କଣ କରିବା ଦ୍ୱାରା ଆପଣଙ୍କ ଡ଼ାଇବେସିସ ଲେବୁଲ କଣ୍ଟ୍ରୋଲ ହୋଇ ରହିବ ।

କଫିନ ସେବନ କରିବା କମ କରନ୍ତୁ- ଡ଼ାଇବେଟିସ ପେସେଣ୍ଟ ରାତିରେ ଶୋଇବା ପୂର୍ବରୁ କଫିନ ଯୁକ୍ତ ଖାଦ୍ୟ ଯେପରିକି ଚା, କଫି, ଚକୋଲେଟ ଏବଂ ସୋଡ଼ା ଆଦିର ସେବନ ବିଲକୁଲ ନ କରିବା ଆବଶ୍ୟକ. କାରଣ କଫିନ ଯୁକ୍ତ ଜିନିଷ ଆପଣଙ୍କୁ ଜାଗ୍ରତ କରି ରଖିବ । ନିଦ୍ରା ହେବାକୁ ଦେବ ନାହିଁ । ଏହା ବ୍ୟତୀତ ମଦ ଓ ଧୂମପାନ ସେବନ କରିବା ମାତ୍ରା କମାନ୍ତୁ କାରଣ ଏହା ମଧ ନିଦ ଉପରେ ଖରାପ ପ୍ରଭାବ ପକାଇଥାଏ ।

ଫିଜିକାଲ ଅକ୍ଟିଭିଟି: ଶୋଇବା ପୂର୍ବରୁ କିଛି ଶାରୀରିକ ପରିଶ୍ରମ ନିହାତି ଆବଶ୍ୟକ ଏହା ଦ୍ୱାରା ଭଲ ନିଦ୍ରା ହେବା ସହ ଷ୍ଟେସ ଲେବୁଲ କମ ହୋଇଥାଏ । ଏହା ବ୍ୟତୀତ ଆପଣଙ୍କ ଶରୀରରେ ସୁଗାର ଲେବୁଲ ରାତି ସାରା ସ୍ଥିର ରହିବାରେ ସାହାଯ୍ୟ କରିଥାଏ ।

ରାତିରେ ସ୍ନାକ୍ସ ଆଇଟମକୁ ଖାଆନ୍ତୁ ନାହିଁ: ଡ଼ାଇବେଟିସ ପେସେଣ୍ଟଙ୍କୁ ବହୁବାର ଭୋକ ହୋଇଥାଏ । ସେଥିପାଇଁ ଆପଣ ରାତିରେ ଶୋଇବା ପୂର୍ବରୁ କୌଣସି ସ୍ନାକ୍ସ ଆଇଟମ ଖାଆନ୍ତୁ ନାହିଁ । ରାତିରେ ସବୁ ଜିନିଷ ଖାଇବା ଦ୍ୱାରା ଏହା ଶରୀରର ଓଜନ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏହାସହ ବ୍ଲଡ୍ ସୁଗାର ଲେବୁଲ ମଧ ବଢିଥାଏ । ତେଣୁ ରାତିରେ ଶୋଇବା ପୂର୍ବରୁ ସର୍ବଦା ହାଲୁକା ଖାଦ୍ୟ ଖାଇବା ଆବଶ୍ୟକ ।

ବ୍ଲଡ୍ ସୁଗାର ଲେବୁଲକୁ ଚେକ କରନ୍ତୁ: ରାତିରେ ଶୋଇବା ପୂର୍ବରୁ ଏବଂ ଶୋଇକି ଉଠିବା ପରେ ଆପଣ ନିଜର ବ୍ଲଡ୍ ସୁଗାର ଲେବୁଲକୁ ଚେକ କରିବା ନିହାତି ଆବଶ୍ୟକ ।

ଆସନ୍ତା କାଲି ପାଇଁ ଖାଦ୍ୟ ପ୍ରଣାଳୀର ପ୍ଲାନ କରନ୍ତୁ: ଡ଼ାଇବେଟିସ ରୋଗୀ ପାଇଁ ଜରୁରୀ ଅଟେ ଯେ, ଆପଣ ନିଜର ଆସନ୍ତା ଦିନ ପାଇଁ ଖାଦ୍ୟ ତଳିକା ପ୍ରସ୍ତୁତ କରିବା । ଏହାଦ୍ୱାରା ଆପଣଙ୍କୁ ସକାଳୁ ସକାଳୁ ଖାଦ୍ୟ ପାଇଁ ଅଧିକ ଭାବିବାକୁ ପଡ଼ିବ ନାହିଁ ଏବଂ ଜଙ୍କ ଫୁଡ଼ରୁ ନିଜକୁ ରକ୍ଷା କରିପାରିବେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନିର୍ବାଚନ ଓ ଆର୍ଥିକ ନୀତି...

ଏକଥା ସମସ୍ତେ ଜାଣନ୍ତି ଯେ ମୁଦ୍ରାଙ୍ଗୀତି ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଥାଏ । ଏଥି ଯୋଗୁଁ ସୃଷ୍ଟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଦରଦାମ୍ ବୃଦ୍ଧି ସମସ୍ତଙ୍କୁ ବାଧିଥାଏ, ବିଶେଷକରି ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କୁ । ତେବେ ଗତ ମେ' ମାସରେ ଖୁଚୁରା ମୁଦ୍ରାସ୍ଫୀତି ଦୀର୍ଘ ୨୫ ମାସର ଅବଧି ପରେ ତଳକୁ ଖସି ୪.୨୫ ପ୍ରତିଶତରେ ପହଞ୍ଚିଛି, ଯାହା ସମସ୍ତଙ୍କ ପାଇଁ ଆଶ୍ୱାସନା ଆଣିଦେବା ଭଳି ହୋଇଛି । ଏହି ମାସରେ ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଦ୍ୱାରା ମାପ କରାଯିବା ପରେ ଜଣାପଡ଼ିଛି ଉପରୋକ୍ତ ମୁଦ୍ରାସ୍ଫୀତି ସମ୍ପର୍କିତ ଆନନ୍ଦଦାୟକ ଖବର । ଏଇ ମାତ୍ର କିଛିଦିନ ପୂର୍ବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ ମୁଦ୍ରାସ୍ଫୀତି ହ୍ରାସ କରିବାର ଲକ୍ଷ୍ୟ କେବଳ ଆରବିଆଇ ଆର୍ଥିକ ନୀତିର ସହନ ସୀମା ୨ରୁ ୬ ପ୍ରତିଶତ ଭିତରେ ରଖିବାରେ ସୀମିତ ନୁହେଁ, ବରଂ ଏହାକୁ ୪ ପ୍ରତିଶତ ବା ତା'ଠୁ କମ୍‌ରେ ରଖିବାର ଲକ୍ଷ୍ୟ ରହିଛି । ଆଉ ଠିକ୍ ତା' ପରେ ପରେ ଉପରୋକ୍ତ ସଦ୍ୟତମ ତଥ୍ୟ ଅବଶ୍ୟ ଏକ ସୁଖବର। ମାର୍ଚ୍ଚ ୨୦୨୩ରେ ଶେଷ ହୋଇଥବା ତ୍ରୈମାସିକ ଅବଧିରେ ଆଶା କରାଯାଉଥିବାଠାରୁ ଉପଲବ୍ଧ ହୋଇଥିବା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ତଥ୍ୟ ଅଧିକ ଭଲ ହେବା ଏବଂ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ (ଆଇଆଇପି)ର ଅବସ୍ଥା ସୁସ୍ଥ ରହିବାକୁ ବିବେଚନା କଲେ ମନେହୁଏ ଯେ ଭାରତୀୟ ଅର୍ଥନୀତି ବର୍ତ୍ତମାନ ସମୟରେ ସ୍ୱଳ୍ପ-ମୁଦ୍ରାସ୍ଫୀତି, ଉଚ୍ଚ ହାରର- ଅଭିବୃଦ୍ଧି ପଥରେ ଗତି କରୁଛି । ଏହି ଅବସ୍ଥାରେ ଯେଉଁ ଏକମାତ୍ର ପ୍ରଶ୍ନଟି ସ୍ୱାଭାବିକ ଭାବରେ ସମ୍ମୁଖକୁ ଆସେ, ତାହା ହେଉଛି- ମୁଦ୍ରାଙ୍ଗୀତି ଓ ଅଭିବୃଦ୍ଧିର ଏଇ ପ୍ରକ୍ଷେପକ ଦୀର୍ଘ ସମୟ ପର୍ଯ୍ୟନ୍ତ ବଜାୟ ରହିବ ତ! ପ୍ରଥମେ ମୁଦ୍ରାଙ୍ଗୀତି କଥା ବିଚାରକୁ ନିଆଯାଉ। ସମ୍ପ୍ରତି ମୌସୁମୀ ଋତୁ ଚାଲିଛି ଏବଂ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ଆଗାମୀ ସମୟରେ ସ୍ୱାଭାବିକ ବର୍ଷା ହେବାର ସମ୍ଭାବନା ରହିଥିବା ଭବିଷ୍ୟବାଣୀ କରିଛି, ଯଦିଓ ଏହା ଏଲ୍ ନିନୋ କାରକକୁ ମଧ୍ୟ ନଜରରେ ରଖିଛି। ତେଣୁ ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ହେବାର ସମ୍ଭାବନାକୁ ସାମ୍ପ୍ରତିକ ସମୟରେ ସହଜରେ ଏଡ଼ାଇ ଦିଆଯାଇ ନପାରେ । କହିବାର ତାତ୍ପର୍ଯ୍ୟ ହେଉଛି- ଧାନ, ଗହମ ଭଳି ଖାଦ୍ୟଶସ୍ୟଗୁଡ଼ିକର ମୂଲ୍ୟ ଏବେ ସୁଦ୍ଧା ଅଧିକ ରହିବା ଏଇ କଥାକୁ ଗୁରୁତ୍ୱ ଦେବା ପାଇଁ ସୂଚନା ପ୍ରଦାନ କରୁଛି । ଆସନ୍ତା ଅଗଷ୍ଟ ମାସରେ ଏମ୍ପି ଯେତେବେଳେ ତା'ର ବୈଠକ କରିବ, ସେ ସମୟରେ ଏ ବାବଦରେ ଅଧିକ ସ୍ପଷ୍ଟ ଭାବରେ କିଛି ସୂଚନା ଦେବ ବୋଲି ଆଶା କରାଯାଏ । ତା'ହେଲେ ଅଭିବୃଦ୍ଧି ସମ୍ପର୍କରେ କ'ଣ କୁହାଯାଇ ପାରିବ ? ବର୍ତ୍ତମାନ ସୁଦ୍ଧା ସରକାରଙ୍କ ଆର୍ଥିକ ପାଣ୍ଠି ବ୍ୟୟ ବା କ୍ୟାପେକ୍ସର ପ୍ରୋତ୍ସାହନ ଅଭିବୃଦ୍ଧିକୁ ସହାୟତା ପ୍ରଦାନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି । କିନ୍ତୁ ମାର୍ଚ୍ଚ ମାସରେ ଶେଷ ହୋଇଥିବା ତ୍ରୈମାସିକ ଅବଧିର ତଥ୍ୟ ଏବଂ ଏପ୍ରିଲ ମାସର ଆଇଆଇପି ସଂଖ୍ୟାଗୁଡ଼ିକ ଦର୍ଶାଇଛନ୍ତି ଯେ ଘରୋଇ ଉପଭୋଗ (କଞ୍ଜମ୍ପସନ୍) ଏବେ ସୁଦ୍ଧା ଦୁର୍ବଳ ରହିଛି । ଗତ ବର୍ଷର ଦ୍ୱିତୀୟ ପର୍ଯ୍ୟାୟର ସୁଧ ହାର ବୃଦ୍ଧିର ପ୍ରଭାବଗୁଡ଼ିକ ଘରୋଇ ଉପଭୋଗ ଏବଂ ନିବେଶ ପାଇଁ ଅତିରିକ୍ତ ପ୍ରୋତ୍ସାହନ ସୃଷ୍ଟି କରିବା ଆଶା କରଯାଉଛି । ଅବଶ୍ୟ ମୌସୁମୀ ପ୍ରବାହ ବାବଦରେ ଯଦି ନିରାଶାର ସାମ୍ନା କରିବାକୁ ହୁଏ, ତା'ହେଲେ ଗ୍ରାମାଞ୍ଚଳର ଲୋକମାନଙ୍କ ଆୟ ଏବଂ ଚାହିଦା ଉପରେ ଏହାର ପ୍ରଭାବ ପଡ଼ିବ। ଏ ପ୍ରକାରର ବିଶ୍ଳେଷଣରୁ ଯାହା ବାଦ୍ ପଡ଼ିଛି, ତାହା ହେଉଛି ଆର୍ଥିକ ନୀତିରେ ରାଜନୀତିକ ଆଧାରର ସମ୍ଭାବନା । ସରକାର ଯଦି ତୈଳ ଦରରେ ହ୍ରାସ ଘଟାଇବା ନେଇ କୌଣସି ପ୍ରକାରର ଘୋଷଣା କରନ୍ତି ବା ଦୁର୍ବଳ ମୌସୁମୀଜନିତ ବର୍ଷା ଯୋଗୁଁ ହୋଇଥିବା ଫସଲ ହାନିର ଭରଣା ପାଇଁ ଏକ ବଡ଼ ଧରଣର ଆର୍ଥିକ ହସ୍ତକ୍ଷେପ ସମ୍ବନ୍ଧରେ ଘୋଷଣା କରନ୍ତି, ତେବେ ପରିସ୍ଥିତି କେଉଁଭଳି ହେବ ? ଏକଥା ଭୁଲିଗଲେ ଚଳିବ ନାହିଁ ଯେ ଆସନ୍ତା ବର୍ଷ, ଅର୍ଥାତ୍ ୨୦୨୪ରେ ଦେଶରେ ଲୋକସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଚଳିତ ବର୍ଷ ମଧ୍ୟ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଶାସନ କ୍ଷମତାରେ ଥିବା ସରକାର ତେଣୁ ନିଜ ପକ୍ଷକୁ ଜନସାଧାରଣଙ୍କୁ ଆକୃଷ୍ଟ କରିବା ପାଇଁ ସେମାନଙ୍କୁ ସୁହାଇବା ଭଳି ପଦକ୍ଷେପମାନ ନେଇ ପାରନ୍ତି । ସାମ୍ପ୍ରତିକ ମୁଦ୍ରାସ୍ଫୀତିର ଘରୋଇ ଧାରଣା ୮.୮ ପ୍ରତିଶତରେ ଗତି କରୁଥିବା ବେଳେ ଏବଂ ମେ' ମାସର ଆରବିଆଇ ମୁଦ୍ରାସ୍ଫୀତି ପ୍ରତ୍ୟାଶା ସର୍ଭେରୁ ତିନି-ମାସିଆ ଓ ଆଗାମୀ-ବର୍ଷର ଭବିଷ୍ୟବାଣୀ ମୂଲ୍ୟରେ ଲାଭକୁ ୧୦ ପ୍ରତିଶତରୁ ଅଧିକ ରଖିଥିବା ବେଳେ ନୀତି ନିର୍ଦ୍ଧାରକମାନଙ୍କ ଆଗରେ ଯେଉଁ କାର୍ଯ୍ୟଟି ରହିଛି, ତାହା ହେଉଛି- ଖାଉଟିମାନଙ୍କୁ ବୁଝାଇବା ଯେ ସେମାନଙ୍କର କ୍ରୟ କରିବାର କ୍ଷମତା ଏବଂ ସଞ୍ଚୟର ହାର ଉପରେ କୌଣସି ପ୍ରକାରର ପ୍ରତିକୂଳ ପ୍ରଭାବ ନ ପକାଇବା ନିମନ୍ତେ ମୁଦ୍ରାସ୍ଫତିକୁ ନିୟନ୍ତ୍ରଣ କରିବାର ଧାରା ବଜାୟ ରଖାଯିବ । ଏସବୁ ବାଦ୍ କୁହାଯାଇପାରେ ଯେ ୨୦୨୪ ନିର୍ବାଚନକୁ ଗତି କରିବା ବେଳେ ଆର୍ଥିକ ନୀତି କିଛି ନା କିଛି ଆଶ୍ଚର୍ଯ୍ୟଚକିତ କରିଦେବା ଭଳି ଘୋଷଣା କରିବାର ସମ୍ଭାବନା ରଖିଛି ।

# ଆମାଜନ୍ ଜଙ୍ଗଲ ବିମାନ ଦୁର୍ଘଟଣା



**ବିଷ୍ଣୁ ପ୍ରସାଦ ଦାସ**

ଆମାଜନ୍ ଜଙ୍ଗଲ ପୃଥିବୀର ସବୁଠାରୁ ବୃହତ ବର୍ଷା ବନ, ଏହା ଦକ୍ଷିଣ ଆମେରିକା ମହାଦେଶରେ ଅବସ୍ଥିତ । ଆମାଜନ ଜଙ୍ଗଲ ବୋଲିଭିଆ, ବ୍ରାଜିଲ, କଲମ୍ବିଆ, ଇକ୍ୱାଡୋର, ଗୁଏନା, ପେରୁ, ସୁରିନାମ ଇତ୍ୟାଦି ଦେଶ ମଧ୍ୟରେ ଅବସ୍ଥିତ, ଏହାର ପରିସୀମା ୬.୭ ଲକ୍ଷ ବର୍ଗ କିଲୋମିଟର ପରିବ୍ୟାପ୍ତ । ଏହି ଜଙ୍ଗଲର ଭୟାବହତା ଶୁଣି ଅନେକ ଆଶ୍ଚର୍ଯ୍ୟ ହୋଇଯାନ୍ତି, ଅସଂଖ୍ୟ ଘଞ୍ଚ ବୃକ୍ଷ ସୂର୍ଯ୍ୟ କିରଣ ପାଇବା ପାଇଁ ପ୍ରତିଯୋଗିତା କରିଥାନ୍ତି, ତେଣୁ ଏଠାକାର ବୃକ୍ଷ ଖୁବ ଡେଙ୍ଗା ଏପରିକି ୨୫୦ ଫୁଟ୍‌ରୁ ୩୦୦ ଫୁଟ୍ ପର୍ଯ୍ୟନ୍ତ ଉଚ୍ଚତା ବିଶିଷ୍ଟ ବୃକ୍ଷରେ ପରିପୂର୍ଣ୍ଣ ଜଙ୍ଗଲର ଭୂମିରେ ସୂର୍ଯ୍ୟ କିରଣ ପଡ଼ିପାରେ ନାହିଁ । ଅସଂଖ୍ୟ ଜାତିର ପଶୁପକ୍ଷୀ, କୀଟ ପତଂଗ ସରୀସୃପରେ ପରିପୂର୍ଣ୍ଣ ଆମାଜନ ଜଙ୍ଗଲ ଆଜି ମଧ୍ୟ ଗବେଷକ, ପରିବେଶବିତ ତଥା ଅନୁସନ୍ଧାନୀଙ୍କ ପାଇଁ ଏକ କୁହେଳିକା ସଦୃଶ ରହି ଆସିଛି, ବିରାଟ ଆନାକୋଣ୍ଡା ସାପଠାରୁ ଆରମ୍ଭ କରି ମାଂସାସୀ ବୃକ୍ଷ, ବିରାଟକାୟ ପିମ୍ପୁଡିତଥା ଆମାଜାନ ନଦୀର ଭୟାବହତା କଥା ଶୁଣିଲେ ଲୋମ ଟାଙ୍କୁରି ଉଠେ, ପୃଥିବୀରେ ଆବଶ୍ୟକ ହେଉଥିବା ଏକ ତୃତୀୟାଂଶ ଅମ୍ଳଜାନ ଏହି ଆମାଜନ ଜଙ୍ଗଲରୁ ମିଳିଥାଏ, ନିକଟ ଅତୀତରେ ଆମାଜନ ଜଙ୍ଗଲରେ ନିଆଁ ଲାଗିଯାଇଥିଲା ଏହା ପୃଥିବୀ ବାସିଙ୍କ ପାଇଁ ଏକ ଚିନ୍ତାର ବିଷୟ ଥିଲା । ଆମାଜନ ଜଙ୍ଗଲ ବିଷୟରେ ଏଇ କିଛିଦିନ ହେବ ଏକ ଆଶ୍ଚର୍ଯ୍ୟ କରିଦେବା ଭଳି ଖବର ବହୁଳ ଭାବେ ପ୍ରଚାରିତ ହେଉଛି, ଆସନ୍ତୁ ଏହି ବିଷୟରେ କିଛି ଆଲୋଚନା କରି ଜାଣିନେବା ।

୨୦୨୩ ମସିହା ମଇ ମାସ ୧ ତାରିଖର କଥା ଏକ ଇଂଜିନ ବିଶିଷ୍ଟ ସେଶନା ଉଡ଼ାଜାହାଜରେ ଏକ ପରିବାର କଲମ୍ବିଆର ଆରକୁରାଠାରୁ ସାନଜୋଶ ଡେଲ ଗୁଆଭି ପର୍ଯ୍ୟନ୍ତ ଯାତ୍ରା ସମୟରେ ଯାନ୍ତ୍ରିକ ତୃଟି ଜନିତ ଏକ ଦୁର୍ଘଟଣା ଘଟିଥିଲା, ବିମାନଟି ସେହି ସମୟରେ ଆମାଜନ୍ ଜଙ୍ଗଲ ଉପର ଦେଇ ଗତି କରୁଥିଲା । ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଆମାଜନର ଘଞ୍ଚ ଜଙ୍ଗଲ ମଧ୍ୟରେ ନିଖୋଜ ହୋଇଗଲା, ବିମାନ ବନ୍ଦରର ରାଡ଼ାରରୁ ବିମାନଟି ନିଖୋଜ ହୋଇଯିବା ପରେ କଲମ୍ବିଆ ସରକାରଙ୍କ ତରଫରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା, ବିମାନ ଚଳାଉଥିବା ପାଇଲଟ, ଜଣେ ମହିଳା, ଜଣେ ବୟସ୍କ ପୁରୁଷ ତଥା ମହିଳାଙ୍କର ଚାରିଜଣ ଶିଶୁ ସନ୍ତାନ ଯାତ୍ରୀ ଥିଲେ, ସେମାନେ ହେଲେ ୧୩ ବର୍ଷୀୟ ଲେସ୍ଲୀ ଜାକବ ଏମ୍ବାର ମୁକୁଟୁଇ, ୯ ବର୍ଷୀୟ ଶେଲେନି ମୁକୁଟେଇ, ୪ ବର୍ଷୀୟ ଟିଆନ ରନକେ ମୁକୁଟେଇ ଏବଂ ୧ ବର୍ଷୀୟ ଶିଶୁ କ୍ରିଷ୍ଟନ ରନକେ ମୁକୁଟେଇ । ଅନେକ ଖୋଜାଖୋଜି ପରେ ବିମାନଟିର ପତ୍ତା ମିଳିନ'ଥିଲା ତେଣୁ ସମସ୍ତେ ଧରି ନେଇଥିଲେ କି ନିଶ୍ଚିତ ଭାବେ ସବୁ ଯାତ୍ରୀ ମୃତ । ତେବେବି' ଅନୁସନ୍ଧାନ ଜାରି ରହିଥିଲା ପ୍ରାୟ ଦୁଇ ସପ୍ତାହ ପରେ ବିମାନର ଭଗ୍ନାବଶେଷ ଉଦ୍ଧାରକାରୀ ଦଳଙ୍କ ଦୃଷ୍ଟି ଗୋଚର ହେଲା, ଅନେକ କଷ୍ଟ କରି ଉଦ୍ଧାରକାରୀ ଦଳ ସ୍ଥାନୀୟ ଅଧିବାସିଙ୍କ ସହାୟତା ତଥା ସନ୍ଧାନୀ କୁକୁର ସହିତ ଘଟଣା ସ୍ଥଳରେ ପହଂଚି ବିମାନର ଭଗ୍ନାବଶେଷ ମଧ୍ୟରୁ ତିନୋଟି ମୃତଦେହ ଉଦ୍ଧାର କରିଥିଲେ, ମୃତକମାନେ ହେଲେ ବିମାନର ପାଇଲଟ, ଜଣେ ବୟସ୍କ ବ୍ୟକ୍ତି ଏବଂ ଛୋଟ ଶିଶୁମାନଙ୍କ ମାତା । ସରକାରୀ ରେକର୍ଡ ଅନୁଯାଇ ସେହି ବିମାନରେ ଯାତ୍ରା କରୁଥିବା ବାକି ଚାରିଜଣ ଶିଶୁଙ୍କର କୌଣସି ଖବର ମିଳି ନ'ଥିଲା, ଅନେକେ ଭାବୁଥିଲେ ହୁଏତ ଏପରି ଭୟାବହ ଜଙ୍ଗଲ ମଧ୍ୟରେ ହିଂସ୍ର ଜନ୍ତୁ ମାନେ ଶିଶୁମାନଙ୍କୁ ଭକ୍ଷଣ କରିଥିବେ କିନ୍ତୁ ସେହିପରି ପ୍ରମାଣ କିଛି ମିଳିନ'ଥିଲା, କଲମ୍ବିଆର ୧୫୦ ଜଣ ସୈନିକ ତଥା ୨୦୦ ଜଣ ସେସ୍ଛା ସେବକ ଉଦ୍ଧାରକାରୀ ଦଳ ଆଶା ନ' ହରାଇ ଚେଷ୍ଟା ଚଳାଇ ରଖିଲେ, ଆମାଜନ ପରି ବିରାଟ ଘଞ୍ଚ ଜଙ୍ଗଲ ଭିତରେ ଉଦ୍ଧାରକାରୀ ଦଳଙ୍କୁ ଚାଲିବା ମଧ୍ୟ କଷ୍ଟକର ହୋଇ ପଡୁଥିଲା ତେବେବି ସେମାନଙ୍କ ଆଶା ଥିଲାଯେ ସେମାନେ ନିଶ୍ଚିତ ଭାବେ ନିଖୋଜ ପିଲାଙ୍କ ସନ୍ଧାନ ପାଇବେ । ଉଦ୍ଧାର କାରୀ ଦଳରେ ୧୦ଟି ଜର୍ମାନ ସେଫର୍ଡ କୁକୁର ମଧ୍ୟ ସାମିଲ ହୋଇଥିଲେ ସେମାନେ ଦୁର୍ଘଟଣା ଘଟିଥିବା ସ୍ଥାନକୁ କେନ୍ଦ୍ରବିନ୍ଦୁ କରି ପ୍ରାୟ ୩୦୦ କିଲୋମିଟର ପରିଧି ଭିତରେ ସନ୍ଧାନ କାର୍ଯ୍ୟ ଆରମ୍ଭ କରିଦେଲେ ।

ଅନୁସନ୍ଧାନ କାରୀ ଦଳଙ୍କର ଅକ୍ଳାନ୍ତ ପରିଶ୍ରମର ଫଳ ଅବଶ୍ୟ ସେମାନଙ୍କୁ ମିଳିଲା । କିଛି ବାଟ ଗଲାପରେ ପିଲା ମାନଙ୍କର ପାଦ ଚିନ୍ହ ସେମାନେ ଦେଖିବକୁ ପାଇଲେ, ତାହା ପରେ ସେମାନେ କିଛି ବଳକା ଖାଦ୍ୟ, ଗୋଟିଏ କଇଁଚି, କିଛି ହେୟାର ବ୍ୟାଣ୍ଡ, କିଛି ନାପକିନନ୍ ଦେଖିବାକୁ ପାଇଥିଲେ ସେମାନଙ୍କ ମନରେ ପିଲାମାନେ ଜୀବିତ ଥିବା କଥା ଉଙ୍କି ମାରୁଥିଲା, ତାହାପରେ ସେମାନେ ଆହୁରି ଉତ୍ସାହର ସହିତ ଅନୁସନ୍ଧାନ କାର୍ଯ୍ୟ ଚଳାଇ ରଖିଲେ ଦିନ ପରେ ରାତି, ରାତି ପରେ ଦିନ ବିତିଗଲା ସପ୍ତାହ ବିତିଗଲା ତଥାପି ଅନୁସନ୍ଧାନକାରୀ ଦଳ ଧୈର୍ଯ୍ୟର ସହିତ ନିଜ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଥିଲେ, ବ୍ରିଗେଡିୟର ଜେନେରାଲ ପେଡ୍ରୋ ସେନଟ୍ସେ ପିଲାମାନେ ଜୀବିତ ଥିବା ବିଷୟରେ ନିଶ୍ଚିତ ଥିଲେ କାରଣ କୌଣସିଠାରେ ପିଲାମାନଙ୍କ ମୃତଦେହ ମିଳିନାହିଁ ଏବଂ ସେମାନେ ଜୀବିତ ଥିବାର ଅନେକ ପ୍ରମାଣ ରହିଛି । ତା'ଙ୍କ ନିର୍ଦ୍ଦେଶରେ ଜଙ୍ଗଲର ପ୍ରତିଟି ଇଞ୍ଚ ଖୋଜା ଚାଲିଲା କଲମ୍ବିଆ ସରକାରଙ୍କ ପାଇଁ ପିଲାଙ୍କ ଜୀବନ ଖୁବ ମୂଲ୍ୟବାନ ଥିଲା, ଶୁକ୍ରବାର ଅପରାହ୍ନ ପ୍ରାୟ ୪ ଟା ସମୟରେ ସାମରିକ ବାହିନୀ ରେଡ଼ିଓ (କଲମ୍ବିଆ) ଗର୍ଜି ଉଠିଲା ମୀରାକଲ, ମୀରାକଲ, ଏବଂ ମୀରାକଲ, ଏହାର ଅର୍ଥ ହେଲା ସାମରିକ ବାହିନୀ ଜଣାଇ ଦେଲା ଯେ, ନିଖୋଜ ହୋଇ ଯାଇଥିବା ଚାରିଜଣ ଶିଶୁ ଜୀବିତ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି । ସାରା ବିଶ୍ୱରରେ ଏହି ସମ୍ବାଦ ନିମିଷକ ମଧ୍ୟରେ ପ୍ରଚାରିତ ହୋଇଗଲା ଅନେକ କୋମଳ ହୃଦୟର ବ୍ୟକ୍ତିଙ୍କ ଚକ୍ଷୁରୁ ଖୁସିର ଅଶ୍ରୁ ବୋହିବାକୁ ଲାଗିଲା, ସମସ୍ତେ ସେଇ ଲୀଳାମୟ ଉପରୱାଲାଙ୍କୁ ପ୍ରଣାମ ଜଣାଇଲେ ।

ସୃଷ୍ଟିର ଏକ ବିଚିତ୍ର ଚମତ୍କାର ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ, ଯେଉଁ ଜଙ୍ଗଲରେ ଏକ ଘଣ୍ଟା ବିତାଇବା କଷ୍ଟକର ବ୍ୟାପାର ସେଠାରେ ଦୀର୍ଘ ୪୦ ଦିନ ଧରି ୪ ଗୋଟି ଶିଶୁ ଏବଂ ତନ୍ମଧ୍ୟରୁ ଏକ ବର୍ଷର ଶିଶୁ କିପରି ନିଜକୁ ନିଜେ ବଞ୍ଚାଇ ରଖିଲେ ତାହା ସମସ୍ତଙ୍କ ମନରେ ଏକ ପ୍ରଶ୍ନବାଚୀ ହୋଇ ରହିଛି, କଥାରେ ଅଛି ରଖେ ହରି ତ' ମାରେ କିଏ? ତେବେ ସେହି ୪୦ ଦିନ ସେମାନଙ୍କ ପାଇଁ ଜୀବନ ବଞ୍ଚାଇବା ଏକ ଆହ୍ୱାନ ଥିଲା, ୧୩ ବର୍ଷୀୟ ଲେସ୍ଲୀ ଖୁବ ବୁଦ୍ଧିମତୀ ଥିଲା ସେ ଦୁର୍ଘଟଣା ଗ୍ରସ୍ତ ବିମାନ ମଧ୍ୟରୁ ସୁଟକେଶଟିଏ ବାହାର କରି ସେଥିରୁ ଗାମୁଛା, ଟେଣ୍ଟ, କ୍ୟାମ୍ପିଙ୍ଗ ସେଟ୍, ଟର୍ଚ୍ଚ ଲାଇଟ୍, ବ୍ୟାଟେରୀ, କିଛି ପଲିଥିନ୍, ଦୁଇଟା ମୋବାଇଲ୍ ଫୋନ୍ ବିଷ୍ଣୁ ପ୍ରସାଦ ଦାସ, ବାଦ୍ୟ ଯନ୍ତ୍ର ବକ୍ସ, କିଛି ସୋଡା ବୋତଲ ଇତ୍ୟାଦି ନେଇ ନିଜ ଭାଇ ଭଉଣୀଙ୍କ ସହିତ ଆଗେଇ ଚାଲିଥିଲା ଆଶା ଥିଲା ଜଙ୍ଗଲ ପାରି ହୋଇ ଏକ ନିରାପଦ ଆଶ୍ରୟ ସ୍ଥଳ ପାଇବା, ନଦୀର ଜଳ, କିଛି ଜଙ୍ଗଲୀ ଫଳ, ଫୁଲ ଏବଂ କାଜୁ ଜାତୀୟ ଛତୁଆ ଖାଇ ନିଜ ସହିତ ନିଜର ଭାଇ ଭଉଣୀ ମାନଙ୍କର ଜୀବନ ବଞ୍ଚାଇ ପାରିଥିବା ଲେସ୍ଲୀ ଆଜି ଅନେକଙ୍କ ହୃଦୟରେ ସ୍ଥାନ ପାଇଛି । ସେମାନଙ୍କୁ ଠାବ କରାଯାଇଥିବା ସ୍ଥାନ ଏତେ ଘଞ୍ଚ ଜଙ୍ଗଲ ଥିଲାଯେ, ହେଲିକପ୍ଟର ଓଲହାଇବା ସମ୍ଭବ ନ'ଥିଲା, ତେଣୁ ଦୌଡ଼ି ସାହାଯ୍ୟରେ ଉଦ୍ଧାରକାରୀ ଦଳ ଯାଇ ସେମାନଙ୍କୁ ଏଆର ଲିଫ୍ଟ କରି ଆଣିଲେ, ତାଙ୍କର ବଂଚିବାର ଆଶା ଆଉ ଚେଷ୍ଟା ସେମାନଙ୍କୁ ମୃତ୍ୟୁର ଅନ୍ଧକାର ମଧ୍ୟରୁ ଟାଣି ଆଣି ନୂତନ ସୂର୍ଯ୍ୟର ଆଲୋକ ଦେଖାଇ ପାରିଲା। ସେମାନେ ସେହି ଜଙ୍ଗଲ ସମୀପବର୍ତ୍ତୀ ଅଂଚଳର ବାସିନ୍ଦା ତେଣୁ ସେମାନଙ୍କ ଠାରେ ପ୍ରାକୃତିକ ଶକ୍ତି ରହିଛି ତାହା ଛଡା ପ୍ରକୃତି ସେମାଙ୍କୁ ବଂଚିବାର ଅଲଗା ଏକ ପ୍ରେରଣା ଯୋଗାଇଛି । ସେମାନେ ବର୍ତ୍ତମାନ କଲମ୍ବିଆ ଦେଶର ବାଗୋଟା ସହରରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ, ଆମେ ଭଗବାନଙ୍କୁ ପ୍ରାର୍ଥନା କରୁଛୁ ସେହି ୪ ଜଣ ଶିଶୁ ଖୁବ ଶୀଘ୍ର ସୁସ୍ଥ ହୋଇ ନିଜ ପରିବାରକୁ ଫେରି ଆସନ୍ତୁ । ବଂଚିବାର ଇଚ୍ଛା ଶକ୍ତି ତଥା ଚେଷ୍ଟା ଥିଲେ ନିଶ୍ଚିତ ଭାବେ ମଣିଷ ଯେ କୌଣସି ସ୍ଥାନରେ ବା ପରିସ୍ଥିତିରେ ନିଜକୁ ପ୍ରକୃତି ସହିତ ଖାପ ଖୁଆଇ ବଂଚି ପାରିବ ଏହା ଏଠାରେ ପ୍ରମାଣିତ ହୋଇଛି ।

'ସ୍ନେହ କୁଟୀର',
ଝାଞ୍ଜିରୀ ମଙ୍ଗଳା,
କଟକ - ୭୫୩୦୦୯
ମୋ : ୯୯୩୭୧୭୪୦୯୭

# ସୀମାନ୍ତର ଅନନ୍ୟ ସାଧକ କବି ଚଣ୍ଡଚରଣ ବିଶି



**ବୈଷ୍ଣବ ମେହେର**

ଗାଁ ଜମି ହିଡ଼ରେ ଠିଆ ହେଲେ ଅନତି ଦୂରରେ ଦିଶି ଯାଉଥାଏ ପଡ଼ୋଶି ଛତିଶଗଡ଼ ରାଜ୍ୟ । ଯେଉଁଠି ଉଭୟ ହିନ୍ଦୀ ଓ ଛତିଶଗଡ଼ି ଭାଷାର ପ୍ରାବଲ୍ୟ । ଅଥଚ ତାର ସନ୍ନିକଟ ନୂଆପଡ଼ା ଜିଲ୍ଲା ସିନାପାଲି ଅଂଚଳର ଅରଣ୍ୟ ପରିବେଷ୍ଟିତ ଅଖ୍ୟାତ ପଲ୍ଲୀ ସିଙ୍ଗଝରଠାରେ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ନିମନ୍ତେ ଅହରହ ସୀମାନ୍ତ ପ୍ରହରୀ ସମ ସଦା ପ୍ରଯତ୍ନରତ ଥାନ୍ତି କବି ଚଣ୍ଡଚରଣ ବିଶି । ମନରେ ନଥାଏ ଉଚ୍ଚ ଆଶା, ନଥାଏ ବି ସମ୍ମାନ କିମ୍ବା ପ୍ରଶସ୍ତିପତ୍ର ପାଇବାର ଲାଳସା । ସାମାଜିକ ଜନଜୀବନରେ ସାହିତ୍ୟର ପ୍ରାସଙ୍ଗିକତାକୁ ଅଙ୍ଗେଅଙ୍ଗେ ଉପଲବ୍ଧି କରିଥିବା କବି ବିଶି ଅବାରିତ ଧାରାରେ ଲେଖନୀ ଚାଳନା କରିବାକୁ ବ୍ରତ ଭାବରେ ଗ୍ରହଣ କରନ୍ତି । ଏହି କ୍ରମରେ କବିଙ୍କ ଲେଖନୀରୁ ଝରି ଆସେ 'ଗୀତା ଜାଗୃତି' ପ୍ରଥମ ଓ ଦ୍ୱିତୀୟ ଭାଗ ସହ ବନଶ୍ରୀ, ପୁଷ୍ପିତା, ଗୋପଙ୍ଗନା, ଯଶୋଧାରା, ଉଦନ୍ତୀ ସରିତ, ଶ୍ରୀକୃଷ୍ଣ ଭଜନମାଳା ଭଳି ଅନେକ ଉପାଦେୟ ସଂରଚନା, ଯାହା ଓଡ଼ିଆ ସାହିତ୍ୟ ଆକାଶର ଏକ ଏକ ଅମ୍ଳାନ କୃତି । ଭାରତୀୟ ଧର୍ମ ଗ୍ରନ୍ଥ 'ଗୀତା'ର ବାସ୍ତବ ତତ୍ତ୍ୱକୁ ଯେଉଁମାନେ ଉପଲବ୍ଧି କରିନିଅନ୍ତି ସେମାନଙ୍କ ଜୀବନ ଯେ କେବଳ ସାର୍ଥକ ହୋଇଥାଏ ତାହା ନୁହେଁ ବରଂ ଜୀବନ ବଂଚିବା ମଧ୍ୟ ସେତିକି ବୋଧଗମ୍ୟ ଓ ସହଜ ହୁଏ ବୋଲି ବିଶ୍ୱାସଟିଏ ଭାରତୀୟ ସଂସ୍କୃତିରେ କାହିଁ କେଉଁ କାଳରୁ ବଳବତ୍ତର ରହିଛି । ଗୀତାଧର୍ମକୁ କିଛିକାଂଶରେ ବି ଯଦି ପାଳନ କରାଯାଇପାରିବ ତେବେ ସାଂପ୍ରତିକ ସମାଜରେ ଶାନ୍ତି, ମୈତ୍ରୀ, ସହିଷ୍ଣୁତା, ସହଯୋଗିତା ଭାବର ପରିପ୍ରକାଶ ସହଜ ହେବ । ଏହି ଅନୁଭବ ହିଁ ଦେଶର ଅନେକ ଜ୍ଞାନି, ପଣ୍ଡିତଙ୍କୁ ବିଭିନ୍ନ ସମୟରେ ବିଭିନ୍ନ ଭାଷାରେ ଗୀତାର ବ୍ୟାଖ୍ୟା କରାଇଛି । ଏହି ମର୍ମରେ କବି ଚଣ୍ଡିଚରଣ ବିଶି ମଧ୍ୟ ନିଜସ୍ୱ ଢଙ୍ଗରେ ଗୀତାର ମାର୍ମିକ ଅବତରଣ କରିଯାଇଛନ୍ତି ନିଜର 'ଗୀତା ଜାଗୃତି' ପୁସ୍ତକରେ । 'ଗୀତା ଜାଗୃତି' ପୁସ୍ତକ ପାଇଁ କବି ଚଣ୍ଡିଚରଣଙ୍କୁ ଓଡ଼ିଆ ସାହିତ୍ୟ ଏକାଡ଼େମୀ ସମ୍ବର୍ଦ୍ଧନା ମିଳିବା ସୀମାନ୍ତର ସାହିତ୍ୟ ଓ ସାହିତ୍ୟିକଙ୍କୁ ଯେତିକି ଉତପ୍ରେରଣା ଯୋଗାଇଛି ସେତିକି କବିଙ୍କ କୃତିର ମହତ ଓ ମହକକୁ ସ୍ୱୀକୃତି ମିଳିଛି ।

ଚଣ୍ଡୀଚରଣ ବିଶି ଏକାଧାରାରେ ଜଣେ କବି, ଆଦର୍ଶ ଶିକ୍ଷକ, ଜ୍ୟୋତିଷ୍କାର ଓ ସୁସଂଗଠକ ତାଙ୍କର ସରଳ, ମହତ, ନିଷ୍କପଟ ଜୀବନଧାରା ଏବଂ ସୃଜନଶୀଳତା ପ୍ରତି ଉତ୍ସର୍ଗୀକୃତ ଭାବଧାରା ଯୋଗୁଁ ସେ ଜଣେ ତପସ୍ୱୀ ଭଳି ପ୍ରତୀୟମାନ ହେଉଥିଲେ । ପୁନଶ୍ଚ ନିଜର ପ୍ରଜ୍ଞାଦୀପ୍ତ ପ୍ରତିଭା, ଆଧ୍ୟାତ୍ମିକ ଚେତନା, ବିନମ୍ର ଭାବ, ମିଷ୍ଟ ବ୍ୟବହାର ତାଙ୍କୁ ସର୍ବତ୍ର ଶ୍ରଦ୍ଧାଭାଜନ କରି ରଖିଥିଲା । ୧୯୩୪ ମସିହା ଜୁନ ମାସ ୧୭ ତାରିଖରେ ଜନ୍ମିତ କବି ବିଶି ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ସାହିତ୍ୟ ସାଧନାରେ ବ୍ରତି ରହି କେବଳ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିନାହାନ୍ତି ବରଂ ଅଂଚଳର ଅନ୍ୟାନ୍ୟ ସାହିତ୍ୟ ସ୍ରଷ୍ଟାଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ପ୍ରତିମୁହୂର୍ତ୍ତ ଦେଇ ଚାଲିଛନ୍ତି ଅଜସ୍ର ଉତ୍ସାହ ଏବଂ ଦୀଗଦର୍ଶନ । କବିଙ୍କ ସୃଷ୍ଟିରେ ଆଧ୍ୟାତ୍ମିକ ଚେତନା, ଗ୍ରାମ୍ୟ ଜୀବନ ଶୈଳି, ପ୍ରକୃତି ବର୍ଣ୍ଣନା, ସରଳ ସାମାଜିକ ଚଳଣି ଖୁବ ସୁନ୍ଦର ଭାବରେ ପ୍ରତିଫଳିତ ହୋଇଛି । ବାସ୍ତବରେ କବିଙ୍କ ଲେଖା ଜୀବନ ଚେତନାର ବାର୍ତ୍ତା ବହନ କରେ । ଗୀତା ଜାଗୃତି ପୁସ୍ତକର ଗୋଟିଏ ପଦରେ କବି କହିଛନ୍ତି-

'କର୍ମେ ମନେ ପ୍ରାଣେ, ଧରମେ ଆରାମେ
ସର୍ବତ୍ର ସତ୍ୟତା ରଖି ଆଗେ ।
ଚଳାଇବୁ ଆମ ଏ, ଦୁର୍ଲ୍ଲଭ ତରି
କର୍ତ୍ତବ୍ୟେ ହେଳା ନକରି
ବେଗେ ।'

କବିଙ୍କ ଅନେକ ଲେଖା ଏବେ ବି ପ୍ରକାଶ ଲାଭ କରିପାରି ନାହିଁ । ଅପ୍ରକାଶିତ ଲେଖା ମଧ୍ୟରୁ ଆତ୍ମଜୀବନୀ 'ସ୍ମାରକୀ' ଯଦି ପ୍ରକାଶ ଲାଭ କରେ ତେବେ ସେ ସମୟର ଅନେକ ଅଜଣା କଥା ଲୋକ ଲୋଚନକୁ ଆସି ବର୍ତ୍ତମାନର ପିଢ଼ି ପାଇଁ ଉପଯୋଗୀ ହୋଇ ପାରନ୍ତା । ମାତ୍ର ଚାରି ଟଙ୍କା ଦରମାରେ ଶିକ୍ଷକତା ଜୀବନ ଆରମ୍ଭ କରିଥିବା କବି ଏହାକୁ ବୃତ୍ତି ନ ଭାବି ଏକ ସେବା ଭାବରେ ଗ୍ରହଣ କରିଥିଲେ। ବିଦ୍ୟାଳୟ ଛୁଟି ହେଲା ପରେ ଘରକୁ ନଯାଇ ହଷ୍ଟେଲରେ ରହି ପ୍ରତିଦିନ ସଂଧ୍ୟାରେ ଏବଂ ରାତିରେ ପିଲାଙ୍କୁ ବିନା ପାରିଶ୍ରମିକରେ ପାଠ ପଢ଼ାଉଥିଲେ। ବହୁମୁଖୀ ପ୍ରତିଭାର କବି ବିଶି ଜଣେ ଆଧ୍ୟାତ୍ମିକ ଚେତନାର ବାଗ୍ମୀ ପ୍ରବଚକ ମଧ୍ୟ ଥିଲେ । ନିଜ ବକ୍ତବ୍ୟରେ ଘଣ୍ଟାଘଣ୍ଟା ଧରି ଶ୍ରୋତାଙ୍କୁ ବାନ୍ଧି ରଖିବାର ଅପାର ବାଗ୍ମୀତା ତାଙ୍କ ଭିତରେ ମହଜୁଦ ଥିଲା । ସମୟାନୁବର୍ତ୍ତିତା ଥିଲା ତାଙ୍କ ବ୍ୟକ୍ତିତ୍ୱର ସହଜାତ ପ୍ରବୃତ୍ତି। କୌଣସି କାର୍ଯ୍ୟକ୍ରମକୁ ନିମଂତ୍ରିତ ହେଲେ ନିର୍ଦ୍ଧାରିତ ସମୟରେ ପହଂଚିବାରେ ସେ କେବେ ମଧ୍ୟ ଅବହେଳା କରିନାହାନ୍ତି। ସାହିତ୍ୟ ଜୀବନକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ କରିଥାଏ, ତେଣୁ ଯୁବପିଢ଼ିଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ସାହିତ୍ୟ ପ୍ରତି ଆକୃଷ୍ଟ କରିବାକୁ ଶେଷ ପର୍ଯ୍ୟନ୍ତ ଗୁରୁତ୍ୱ ଦେଇଥିଲେ । ଏଭଳି ଜଣେ ବର୍ଷୀୟାନ ସାଧକଙ୍କ ଗତ ବର୍ଷ ପରଲୋକ ଘଟିବା ସୀମାନ୍ତ ସାହିତ୍ୟ ପାଇଁ ସଦା ଅପୂରଣୀୟ ରହିବ ଏହା ସତ କିନ୍ତୁ କବିଙ୍କ ଜନ୍ମଜୟନ୍ତୀ ଅବସରରେ କେବଳ ତାଙ୍କର ସାରଗର୍ଭକ ସାହିତ୍ୟ କୃତିକୁ ନୁହଁ ଅଧିକନ୍ତୁ କବିଙ୍କ ମହତ ଜୀବନଧାରା ଯଦି ଅନୁସରଣୀୟ ହୁଏ, ତେବେ ଏହା ସମାଜ କଲ୍ୟାଣକାରୀ ହେବ ।

+ ସିନାପାଲି, ନୂଆପଡ଼ା
ମୋ. [illegible]




## ପତିଆରା ଲଢ଼େଇ

**ଦୀପକ କୁମାର ନାଏକ**



ମଇଦାନରେ ମାଉସୀ ଝିଆରୀଙ୍କର
ଚାଲେ ପତିଆରା ଲଢ଼େଇ
ସାଧାରଣ ନିର୍ବାଚନରେ କିଏ
ଆଗରେ
ଜନତା ଦେବେ ଜଣାଇ !

କ୍ଷମତା ଲୋଭରେ ସଂପର୍କରେ ଫାଟ
ଦିଶିଲାଣି ଜଳ ଜଳ
ଅଚିହ୍ନା ଝିଆରୀକୁ ଶାସନ ଗାଦି
ଦେଇ
ପାଇଗଲେ ଏବେ ଫଳ !

ଝିଆରୀ ବୁଝିଲାନି ମାଉସୀ ପାଇଁ କି
ପରିଚୟ ମୋତେ ମିଳିଲା
ଶାସନେ ବସିବା କିଛିଦିନ ନହେଉଣୁ
ମାଉସୀ ଗୋଡ଼କୁ ଟାଣିଲା !

ସେଥିପାଇଁ ବୋଧେ କଥାରେ କୁହନ୍ତି
ମଣିଷ ଗଛ କେବେ ଲଗେଇବନି
ଯେଉଁ ଗଛ ଥରେ ଲଗେଇଲ ତମେ
ସେ ତୁମ ଚେର ଜମା ରଖିବନି !

ହାଏରେ ବିଧାତା କଲୁରେ କିକଥା
ଦେଖିବାକୁ ମିଳେ ଏହା
ଏମିତି ଦୃଶ୍ୟ ଦେଖିବା ପୂର୍ବରୁ
ମୋର
ମରଣ ହେଲାନି ଯାହା !

+ ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍ -ହିନ୍ଦୋଳ,
ଢେଙ୍କାନାଳ-୭୫୯୦୨୧
ମୋ: ୮୬୩୭୨୬୧୮୨୮

## ପୁଚି ଖେଳର ଜୀବନ

**ଶିବ ପ୍ରସାଦ ବାହିନୀପତ**



ସମୟ ଆଉ ବୟସ
ଏଇ ଦୁହିଁଙ୍କ ଭିତରେ
ବାଜି ଲାଗିଚି ପୁଚି ଖେଳର
ଉଭୟେ ଗତିଶୀଳ ।

ସର୍ବଦା ଚଳଚଞ୍ଚଳ
ଅବିରାମ ଗତିରେ ଦିହେଁ
ଅହର୍ନିଶ ଦୌଡ଼ି ଚାଲିଛନ୍ତି
ଫୁର୍‌ସତ୍ ନାହିଁ ଜମା ତାଙ୍କୁ
କାହାକୁ ପ୍ରତୀକ୍ଷା ନାହିଁ ।

କାହାର ହେଉନି ଜିତାପଟ
କେହି ବି ହେଉନି ପରାଜିତ
ଉଭୟଙ୍କ ହିସାବ ସମାନ୍
ତାକୁ ତାଳ ଦେଇ ଚାଲୁଛି ଜୀବନ ।

ବହୁବାର ଚେଷ୍ଟା କରି ମଧ
ତାଙ୍କ ସହିତ ତାଳ ଦେଇ ପାରୁନି
ପଛରେ ପଡ଼ି ଯାଉଛି ଏ ଜୀବନ
ସେଥିଲାଗି ଭୋଗୁଛି ଦୁଃଖ ଯନ୍ତ୍ରଣା ।

ଜୀବନ ହୋଇପଡୁଛି ଦୁର୍ବିସହ
ନୈରାଶ୍ୟର କୃଷ୍ଣ କାଦମ୍ବିନୀ
ଛାୟି ଦେଉଛି ଜୀବନ ଆକାଶକୁ
ଝରି ପଡୁଛି ଅଜସ୍ର ଅଶ୍ରୁବାରି ।

ସମୟ ଓ ବୟସ ପୁଚି ଖେଳରେ
ବିଚରା ନିରୀହ ଜୀବନଟି
ବଳି ପଡ଼ିଯାଉଛି ଅକ୍ଳେଶେ
ଲିଭି ଯାଉଛି ତା' ଚିହ୍ନବର୍ଣ୍ଣ ।

+ ସମ୍ପାଦକ - ଉଦୟ ଭାନୁ
ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ
ମୋ: ୮୯୧୭୪୮୦୫୩୬

## ଯନ୍ତ୍ରଣା ଓ ମଳାଜହ୍ନ

**ସୁବ୍ରତ କୁମାର ଜେନା**



ସହରଠୁ ଗାଁ ଉପକଣ୍ଠରେ ଘୋ ଘା,
ନୀରବ, ନିସ୍ତେଜ ପୃଥିବୀଟା ହସିବ କେମିତି,
ଅବଶ୍ୟ ଶୁଭୁନି ତ୍ରାହି ତ୍ରାହି ରକ୍ଷମାମର ସ୍ୱର,
ତଥାପି ଏ କେମିତି କ୍ଲେଶ,
କାହିକି କହି ପାରେନି ଏ ଯନ୍ତ୍ରଣାର ଚିତ୍ର ଓ ଚରିତ୍ରକୁ,
ସତରେ କଣ ଏତେ ସହଜରେ ମରିପାରେ ବିଶ୍ୱାସଟିଏ ଓ
ମାରିପାରେ ତାକୁ ଅବିଶ୍ୱାସ ?

ଯେବେ ସାମ୍ନା ହୁଏ ପ୍ରତାରଣା ସହ,
ସମୟର ଠିକ ସେଇ ଦୋଛକିରେ ଅଚାନକ,
ନାଁ ଫେରିହୁଏ ନା ପାଦକୁ ଫେରାଇ ହୁଏ ବିପର୍ଯ୍ୟୟ
ମୁଖରୁ,
ଲାଗିଯାଏ ହାର ଜିତର ସଟ୍ଟା,
ବିଚରା ଯୌବନ ବାଛିନିଏ କ୍ଷତାକ୍ତ ହେବାର ପଥକୁ,
ଜିତିଲେ ପାଇଯାଏ ସବୁକିଛି ହାତପାହାନ୍ତାରେ,
ଗୋଲାପୀ ଗୋଲାପୀ ପାହାଡ଼କୁ ଡେଇଁ ଡେଇଁ,
ଆଉ ଯଦି ହାରିଯାଏ....!
କିଏ ଆଖ୍ୟା ଦିଏ ପାଗଳ ପ୍ରେମୀର ପୁଣି କାହା ଭାଷାରେ
ଦେବଦାସ ।

ଆଖି ବନ୍ଦ ମାତ୍ରେ ଭାସି ଉଠେ ଦୁଃସ୍ୱପ୍ନ,
କୁଢ଼ କୁଢ଼ ଶବ୍ଦ ମାନଙ୍କର ଶବ ଉପରେ ଚଢ଼ି
ମୁଁ ଲେଖୁଛି ଯନ୍ତ୍ରଣାର କଥାକୁ କବିତାରେ,
ଅବଶ୍ୟ କହିପାର ପାଗଳ ବୋଲି ନିଜ ଇଚ୍ଛାରେ,
ତଥାପି କେମିତି ସହିବି ଏସବୁକୁ,
ମୁଁ ଚାହିଁଲେ ବି ଲେଉଟାଇ ପାରିବିନି ଘଣ୍ଟାର କଣ୍ଟାକୁ
ବିପରୀତ ଦିଗରେ ।

ଭୁଲ୍ ଥିଲା ଜହ୍ନଟାକୁ ନିଜର ଭାବି ମନ କଥା
କହିବାଟା,
ସେ ଯେ ଏମିତିରେ ମଳା ଜହ୍ନ ହେବ,
ଏ କଥା ତ କାହିଁ କେବେ କିଏ କହିନଥିଲା !
କଣ ନେବ ଗୋଟେ ନିଃସ୍ୱ ଓ ନିସ୍ୱାର୍ଥୀ ପାଖରୁ,
ତେବେ ଖାଲି ଯାହା ମନ,
ଯିଏ ପ୍ରତୀକ୍ଷଣ ଭାବୁଥାଏ ମଳାଜହ୍ନକୁ ପ୍ରେମର ସନ୍ତକ
କରିବ ବୋଲି ।

+ ଶୁରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦



# ଫୁଲଝରି





# ଧ୍ୱନି ପ୍ରତିଧ୍ୱନି





କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୯୧)

## ରାବଣ ବଂଶ ଚରିତ-୨



(ପୂର୍ବ ପ୍ରକାଶିତ ଉତ୍ତାରୁ)

ସାରା ସଂସାରର ଲୋକ ରାବଣର ମୃତ୍ୟୁପରେ ସୁଖ ଶାନ୍ତିରେ ରହିବାକୁ ଆରମ୍ଭ କରିଥିଲେ। ଶ୍ରୀରାମଙ୍କ ରାଜତ୍ୱ ଅଯୋଧ୍ୟାକୁ ସବୁ ସମୃଦ୍ଧି ଦେଇଥିଲା। ନିଜ ଭାଇମାନଙ୍କ ସହିତ ଶ୍ରୀରାମ ଅଯୋଧ୍ୟାରେ ରାମରାଜ୍ୟ ପ୍ରତିଷ୍ଠା କରିଥିଲେ। ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ନିଜ ଶାସନ କାଳରେ ଶ୍ରୀରାମ ମନ୍ତ୍ରୀମାନଙ୍କଠାରୁ ରାଜ୍ୟବାସୀଙ୍କ ଭଲ ମନ୍ଦ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଥିଲେ। ତାଙ୍କ ଶାସନ ସମ୍ପର୍କରେ ମଧ୍ୟ ନିୟମିତ ଭାବରେ ତଥ୍ୟ ସଂଗ୍ରହ କରୁଥିଲେ। ସେ ମନ୍ତ୍ରୀମାନଙ୍କୁ ନିର୍ଭୟରେ ସବୁ ତଥ୍ୟ ଦେବାକୁ ଅଭୟ ପ୍ରଦାନ କରିଥିଲେ। ସେ ଚାହୁଁଥିଲେ ତାଙ୍କ ରାଜ୍ୟରେ ସତ୍ୟ ଧର୍ମ ଦୃଢ଼ ହେଉ ଓ ଅନ୍ୟାୟ ଅତ୍ୟାଚାର ନରହୁ। ରାଜ୍ୟର ସମୃଦ୍ଧି ନିରନ୍ତର ହେଉ।

ମାତା ସୀତା ଗର୍ଭବତୀ ଥାଆନ୍ତି। ତାଙ୍କର ସବୁ ପ୍ରକାର ଯତ୍ନ ନେଉଥିଲେ ଶ୍ରୀରାମ। ତାଙ୍କର ସମସ୍ତ ଇଚ୍ଛା ପୂର୍ଣ୍ଣ ହେଉଥିଲା। ଥରେ ବଗିଚାରେ ବୁଲୁଥିଲା ବେଳେ ଶ୍ରୀରାମ ସୀତାଙ୍କୁ ପଚାରିଥିଲେ-କିଛି ଇଚ୍ଛା ଅପୂର୍ଣ୍ଣ ଅଛି ତ କହୁ ସୀତେ। ଏ କଥା ଶୁଣି ସୀତା ଥରେ ବାଲ୍ମୀକି ଆଶ୍ରମକୁ ଯାଇ ଗୋଟିଏ ରାତ୍ରି ଯାପନ କରିବାକୁ ଇଚ୍ଛା ପ୍ରକଟ କରିଥିଲେ। ଶ୍ରୀରାମ ସେଥିଲାଗି ସମ୍ମତି ପ୍ରଦାନ କରିଥିଲେ।



ସେଇ ସମୟର କଥା। ଶ୍ରୀରାମ ତାଙ୍କ ମନ୍ତ୍ରୀ ଉଦ୍ରଙ୍କଠାରୁ ରାଜ୍ୟ ଓ ତାଙ୍କ ଶାସନ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଥିଲେ। ଉଦ୍ରଙ୍କଠାରୁ ସେ ଗୋଟେ କଥା ଶୁଣିଲେ ଯାହା ତାଙ୍କୁ ବିଚଳିତ କରିଦେଲା। ସୀତାଙ୍କ ରାବଣର ଅଶୋକବନରେ ଗୋଟେ ବର୍ଷ ରହିବା କଥାକୁ ଠିକ୍ ଭାବରେ ଗ୍ରହଣ କରିନାହାନ୍ତି ପ୍ରଜାମାନେ। ସେଥିଲାଗି ଲୋକଙ୍କ ଭିତରେ କିଛି ତର୍କ ବିତର୍କ ହେଉଛି।

ଶ୍ରୀରାମ ଜାଣିଥିଲେ, ସତୀ ସୀତା ପରମ ପତିବ୍ରତା। ମାତ୍ର ତାଙ୍କୁ ନେଇ ପ୍ରଜାଙ୍କ ମନରେ ଥିବା ଅବିଶ୍ୱାସକୁ କିପରି ଦୂର କରିପାରିବେ ଶ୍ରୀରାମ।

ମନ୍ତ୍ରୀ ଉଦ୍ରଙ୍କ କଥାର ସତ୍ୟତା ଜାଣିବାକୁ ଶ୍ରୀରାମ ଛଦ୍ମବେଶରେ ଅଯୋଧ୍ୟା ନଗରୀରେ ରାତ୍ରି ଭ୍ରମଣରେ ଗଲେ। ସେଇ ସମୟରେ ସେ ଜଣେ ଧୋବା ଓ ଧୋବଣୀଙ୍କ କଳହ ଶୁଣିଲେ। ଧୋବଣୀ ତାର ଭାଇ ସାଙ୍ଗରେ ଗୋଟେଦିନ ତା' ବାପ ଘରକୁ ଯାଇଥିଲା। ଏ କଥା ପସନ୍ଦ ନଥିଲା ଧୋବାର। ତେଣୁ ସେ ଧୋବଣୀର ଚରିତ୍ରକୁ ନେଇ ଖରାପ ମନ୍ତବ୍ୟ ଦେଇଥିଲା ଓ ତା ସହିତ ନରହିବାକୁ ତା ନିଷ୍ପତ୍ତିକୁ ଶୁଣେଇ ଦେଇଥିଲା।

ଏପରି କଥା ଶୁଣି ଧୋବଣୀ ବହୁତ ରାଗିଯାଇଥିଲା ଓ କହିଥିଲା- ସୀତାଙ୍କୁ ରାବଣ ନେଇ ଗୋଟାଏ ବର୍ଷ ବନ୍ଦୀ କରି ରଖିଲା। ସେଥିରେ କିଛି ହେଲାନି। ସେ ଆସି ଏବେ ଅଯୋଧ୍ୟାର ରାଣୀ ହୋଇଛନ୍ତି। ମୁଁ ଗୋଟିଏ ଦିନ ଭାଇ ସାଙ୍ଗ୍ରେ ବାପଘରକୁ ଗଲି ବୋଲି ଅସତୀ ହୋଇଗଲି? ଧୋବଣୀ କଥାରେ ଧୋବା ଆହୁରି ରାଗିଗଲା ଓ କହିଲା- ଶ୍ରୀରାମ ରାଜା, ବଡ଼ ଲୋକ। ସେ ଯାହା କରିବେ ସେ କଥାକୁ ଗ୍ରହଣ କରିବାକୁ ଆମେ ବାଧ୍ୟ। ମାତ୍ର ତୋତେ ମୁଁ ଗ୍ରହଣ କରିପାରିବିନି।

ଧୋବା ଧୋବଣୀଙ୍କ କଥା ଶୁଣି ଶ୍ରୀରାମ ବିଚଳିତ ହୋଇପଡ଼ିଲେ। ଗୋଟେ ପଟେ ତାଙ୍କ ପ୍ରାଣପ୍ରିୟା ସୀତା ସୀତା ଓ ଅନ୍ୟପଟେ ଅଯୋଧ୍ୟାର ଜନମତ। ରାଜାର କର୍ତ୍ତବ୍ୟ କଥା ସେ ଚିନ୍ତା କଲେ ଓ ସଂଗେ ସଂଗେ ସୀତାଙ୍କୁ ବନବାସରେ ପଠାଇବାକୁ ସ୍ଥିର କଲେ ଶ୍ରୀରାମ।

ସେ ତାଙ୍କ ଭାଇମାନଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କଲେ ଓ ସିଧା କହିଦେଲେ- ଏ ସଂପର୍କରେ ତାଙ୍କ ବିଚାରର ପାଳନ କରାଯିବ। ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ବିବଶ ଥିଲେ। ସେମାନେ ଜାଣିନଥିଲେ- ସେମାନେ କଣ କରିପାରିବେ।

ଶ୍ରୀରାମଙ୍କ ସିଦ୍ଧାନ୍ତ ଅନୁସାରେ ସୀତାଙ୍କୁ ବାଲ୍ମୀକି ଆଶ୍ରମ ବୁଲେଇ ଆଣିବାକୁ ସମସ୍ତ ଆୟୋଜନ କରାଗଲା। ମନ୍ତ୍ରୀ ସୁମନ୍ତ ରଥରେ ମାତା ସୀତା ଓ ଲକ୍ଷ୍ମଣଙ୍କୁ ନେଇ ବାଲ୍ମୀକି ଆଶ୍ରମ ନିକଟକୁ ଗଲେ। ସେମାନେ କିଛି ବିଶ୍ରାମ ପାଇଁ ରଥରୁ ଓହ୍ଲେଇଲେ। ସେଇ ସମୟରେ ଲକ୍ଷ୍ମଣ କାନ୍ଦି କାନ୍ଦି ସୀତାଙ୍କ ନିର୍ବାସନ କଥା କହିଲେ। ଲକ୍ଷ୍ମଣଙ୍କ କଥା ଶୁଣି ସତୀ ସୀତା ଭୂମି ଉପରେ ବସି ପଡ଼ିଲେ।

ଅଶ୍ରୁଳ ନୟନରେ ଲକ୍ଷ୍ମଣ ବିଦାୟ ନେଲେ। ସେ ବିବଶ ଥିଲେ। ଭାତୃଭକ୍ତ ଲକ୍ଷ୍ମଣ ରାଜା ରାମଙ୍କ ଆଜ୍ଞା ପାଳନ କରିବାକୁ ବାଧ୍ୟ।

ଅଚେତ୍ ହୋଇ ଭୂମି ଉପରେ ଲୋଟି ପଡ଼ିଲେ ମାତା ସୀତା। ସୀତାଙ୍କ ଜନ୍ମ ଥିଲା କଷ୍ଟ ପାଇବାକୁ। ତାହା ହିଁ ଘଟୁଥିଲା। ଚେତା ଫେରି ପାଇ ସୀତା କ୍ରନ୍ଦନ କଲେ। କାହାକୁ ଦୋଷ ଦେବାକୁ ସେ ଚାହିଁଲେନି। ବିଧିର ବିଧାନ ଭାବି ନିଜ ଭାଗ୍ୟକୁ ଗ୍ରହଣ କରିନେଲେ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

## ବାପା ଭାଲୁର ଚଷମା



ନଗେନ୍ଦ୍ର ନାଥ ପଟ୍ଟନାୟକ

ସଂଜ ପାଂଚଟା ବାଜିବା ମାତ୍ରେ ମତେ ଭ୍ରମଣରେ ବାହାରି ଯିବାକୁ ପଡିବ । ମୋ ଚଷମାଟା କୁଆଡେ ଅଛି।

ଜଣାନାହିଁ . . . । ମୁଁ କେତେବେଳୁ ଖୋଜାଖୋଜି କରୁଚି, କିନ୍ତୁ ପାଉନି . . . . ତୁମେମାନେ ସବୁ କୁଆଡେ ଅଛ ?

ଭାଇ ଏବେ ଆସି ମତେ ଟିକେ ସାହାଯ୍ୟ କର । ତୁମେମାନେ ନିଶ୍ଚେ ଏଠୁ କୋଉଠି ଗୋଟେ ଅଲଗା ଜାଗାରେ ଘଂଚେଇ ରଖି ଦେଇଥିବ, ସେ ଚଷମାଟା ମୋ ହାତକୁ ଏଯାଏ ଆସିଲାନି -ଦମଦମ୍ ଭାଲୁ ବିକଳରେ କହିଲା ।



-ଆରେ ଆରେ, ଘର ଆସବାବପତ୍ର ସବୁ କଣ ଏଣେତେଣେ ଖେଲେଇ ହୋଇ ପଡିଚି ? ତା'ହଲେ ଚଷମାଟି ବି ତା ଭିତରେ କୋଉଠି ହଜିଯାଇଥିବ । କେଉଁଠି ରଖିଥଲ, ଟିକେ ଧ୍ୟାନର ସହିତ ମନେପକାଅ । ଆସବାବପତ୍ର ଓ ଆଳିମାଳିକା ଇଆଡେ ସିଆଡେ ବିଛେଇ ଦେଲେ ସମସ୍ୟାର ସମାଧାନ ହୁଏନାହିଁ ,ବରଂ କାମ ବଢିଯାଏ –ଗେରସ୍ତ ଦମଦମ୍ ଭାଲୁ ମୁହଁକୁ ଜୁଳୁଜୁଳୁ ଆଖିରେ ଅନେଇ ଭାରିଜା ଜିମି ଟିକିଏ ବ୍ୟସ୍ତ ହୋଇ କହିଲା । ଭାଲୁଛୁଆ ହଂବି ଆଉ ହୀରା ଦୁହେଁ କୁନିକୁନି ହାତ ଯୋଡିକରେ ଜିନିଷପତ୍ର ସବୁ ଏପଟସେପଟ କରି ନିରେଖିବାରେ ଲାଗିଲେ।

ଫେର ଝଙ୍କାଳିଆ ଗଛମୂଳେ ଝଡି ପଡିଥିବା ଶୁଖା ପତ୍ରଗୁଡକି ଆଡେଇ ଚଷମା ଖୋଜିବାରେ ଲାଗିପଡିଲେ । ବାପା

ତୁମେ କିଛି କାମ କରୁଚ ନା କଣ, ନିଜ ଚଷମା ଖୋଜୁଚ ତ ?

ଦମଦମ୍ ଭାଲୁ ରାଗି ନିଆଁ । ତମତମ ହୋଇ କହିଲା –ମତେ ଡାକତର ଜିରାଫ କହିଥିଲା ତୁମ ଆଖିର ଦୃଷ୍ଟିଶକ୍ତି ଅତ୍ୟନ୍ତ ଦୁର୍ବଳ। ଖରାର ତେଜ ଅଧିକ ହେଲେ ଆଖିକୁ କିଛି ବି ଦିଶିବନି । ଏଣୁ ଆଖିରେ ଚଷମା ନ ଲଗେଇ କୁଆଡେ ଯାଆଆସ କରିବନି । ଜଙ୍ଗଲରେ ଭ୍ରମଣ କରିବା ଲାଗି ସଙ୍ଗାତ ମତେ ଡାକିଲାଣି, ହେଲେ କୁଆଡେ ହଜିଗଲା ଯେ ମିଳୁନାହିଁ । ମୁଁ କେମିତି ପଦାକୁ ବାହାରିବି ଭ୍ରମଣରେ ।

ଏଣେ ବିଚରା ଭାଲୁଛୁଆ ଯୋଡିକ ନିଜ ବସା ଆଉ ଗଛ ଶାଖାପ୍ରଶାଖାରେ ତିଆରି ହୋଇଥିବା କୋରଡରେ ଖୋଜିବାରେ ଲାଗିପଡିଲେ । କୁଆଡେ ଗଲା ବାପାର ଚଷମାଟି । ପିଲା ଦୁହେଁ ମିଛିମିଛିକା ଚିନ୍ତାରେ ଘାରି ହେଲେ ।

ମାଆ ଭାଲୁକୁ ଲକ୍ଷକରି ଭାଲୁଛୁଆ ଯୋଡାକ କହିଲେ-ମହୁ ଖାଇବା ଲୋଭରେ ବାପା ଆଖିରେ ଚଷମା ନ ପିନ୍ଧି ମହୁମାଛିକୁ ଯେମିତି ନ ଧରନ୍ତି ,ସେ ଲାଗି ହୁସିଆର କରାଇ ଦେବ ମାଆ । ଦୁଇ ଛୁଆଯାକ ଖିଲ୍‌ଖିଲ୍ ହୋଇ ହସି ଉଠିଲେ । ମାଆ ଜିମି ଭାଲୁ ମୁହଁ ବୁଲାଇ କହିଲା –ଗଛଟି ଉପରେ ଚଢିକରି ଦେଖାଯାଉ, କୌଣସି ଡାଳରେ କାଳେ ଚଷମାଟା ଲାଖି ଯାଇଥିବ । ଛୁଆ ଯୋଡିକ ଏବେ ଉଚା ପଥର ଆଡେ ଅନେଇଲେ । କହିଲେ –ମାଆ, ଚଷମାଟି

ମିଳିଗଲେ ଆମେ ବାପାଙ୍କଠୁ କଣ ପାଇବା ? ଫାଲତୁ କଥା କହନା, ଚଷମାଟା ଆଗେ ଦେଇଦେ ନା ! ମୁଁ ତୁମ ମନପସନ୍ଦରେ ଉପହାର ନେଇଆଣି ତୁମ ଦୁହିଁଙ୍କୁ ଦେଇଦେବି । ଏ ସମୟରେ ବିଚରା ତୁମ ବାପା ବହୁତ ହରକତ ହେଲାଣି, ତୁମେମାନେ ଆଉ ତାଙ୍କୁ ହଇରାଣରେ ପକାଅ ନାଇଁ । ଠିକ୍ ଅଛି ମାଆ, ଆମେ ତାଙ୍କୁ ଆଉ ହଇରାଣ କରିବୁ ନାଇଁ । ହେଲେ ମତେ ଆଗ କୁହ ବାପା କାଇଁକି ଭୁଲି ଯାଉଛନ୍ତି ? ଏବେ ମତେ ମାଲୁମ ନାଇଁ ସେସବୁ କଥା . . . .

ତୁମେ ତମ ବାପାକୁ ପଚାର । ବାପା ତୁମେ ଆଗ କଥା ଦିଅ ଯେ ଏଣିକି ତୁମେ ଆମ ଦୁହିଁଙ୍କୁ ସାଥିରେ ନେଇକି ଭ୍ରମଣ କରିବାକୁ ଯିବ, ଜାତି ଜାତିକି ତଟକା ଜଙ୍ଗଲୀ ଫୁଲଫଳ ଆଉ ସୁଆଦିଆ ମିଠାକୋଳି ଖୁଆଇବ ।

-ହଁ ବାବା ହଁ, କଥା ଏକଦମ୍ ପକ୍କା , କିନ୍ତୁ ଚଷମାଟା ଆଗେ ମୋ ହାତକୁ ବଢାଇ ଦିଅ...

-ନିଶ୍ଚୟ, ଚଷମାଟା ତ ଆମ ଅତି ଆପଣାର ବାପାଙ୍କ ଥୋମଣି ଆଉ କାନ ଯୋଡିକ ମଝିରେ ଫସିଯାଇଛି ।

ମାଆ ଜିମି ଆଉ ଦମ୍‌ଦମ୍ ଭାଲୁ ଦମ୍ପତି ହୋ ହୋ ହୋଇ ହସି ଗଡିଗଲେ । ବାପା ଭାଲୁ କହିଲା - ଏ ଟାଇଁଟାଇଁ ଖରାରେ ତଟକା ଫଳମୂଳ ଓ ଛନଛନିଆ ସବୁଜ ପନିପରିବା ଖାଇବା ଆଉ ସକାଳ ଆଉ ସଂଜରେ ଭ୍ରମଣ କରିବା ନିହାତି ଜରୁରୀ। ନଇଲେ ମୁଁ ବେମାରିରେ ପଡିପାରେ, ମୋ ଭଳି କେତେ ଜୀବ ବି ସ୍ମୃତିଶକ୍ତି ହରାଉଛନ୍ତି . . . ଆଉ ଉଛୁର କରନି, ଚାଲ ମୋ ସାଙ୍ଗରେ ନଈ କୂଳକୁ । ସେଇଠି ଥଂଡାପାଣି ମୁନ୍ଦେ ପିଇ, ତଟକା ମିଠା କୋଳି ଫଳମୂଳ ଖାଇ ସବୁଜିମା ଜଙ୍ଗଲରେ ବସବାସ କରିବା । ସକାଳ ଶୀତଳ ପବନ ଆମ ଫୁସ୍‌ଫୁସ୍‌କୁ ଶକ୍ତ କରା। ଆଉ ଡେରି କାଇଁକି ? ଏଥର ଚାଲ ମୋ ସଙ୍ଗରେ ଘେରାଏ ବୁଲାବୁଲି କରିବା । ଏବେ ତ ମାଛି ଅନ୍ଧାର ଘୋଟିଆସୁଚି । ଦୁଇଟିଯାକ ଭାଲୁଛୁଆ ଏକାବେଳକେ କହିଉଠିଲେ -ହଁ ହଁ ବାପା, ଆମେ ପୂରାପୂରି ତୟାର ସେଥିପାଇଁ। ଚାଲନ୍ତୁ ନା ଭ୍ରମଣରେ ।

+ଓଙ୍କାର ସିଟି, ପ୍ଲଟ ନଂ-
୪୫୪ ,ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ
ରୋଡ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ଭଲପିଲା ମୋତେ କର

### ପ୍ରଶାନ୍ତ କୁମାର ଦାଶ



ହାରିବିନି ଜୀବନରେ
ଭଲପାଠ ପଢି
ସରସ ସଂସାରଟିଏ
ଦେବି ଦିନେ ଗଢି ।
ଭଲପିଲା ମୋତେ କର
ବୁଦ୍ଧି ବିଦ୍ୟା ଦେଇ
ଫୁଟାଅ ଜୀବନଫୁଲ
ସୁପଥରେ ନେଇ ।
ତୁମରି ଚରଣତଳେ
ରଖୁଛି ମୋ ମଥା
କାଢିନିଅ ଚିରକାଳ
ମରମର ବଥା ।
ସମାଜର ହିତେ ଢାଳି
ମୋ ପରାଣ ମନ
ଗରିବଙ୍କୁ ବାଣ୍ଟିଦେବି
ମୋର ସବୁ ଧନ ।
ସତ୍ୟରେ ରଖିବି ଲୟ
ତଡି ମନୁ ଭୟ
ଦୁଃଖରେ କାତର ନୋହି
ହେବି ପୁଣି ଥୟ ।
ତୁମକୁ ସୁମରି ବାଟ
ଚାଲୁଥିବି ନିତି
ଦୁଖୀଜନ ସେବାକାମେ
ଦିନ ଯିବ ବିତି ।।
ହାରିବିନି ଜୀବନରେ
ଦୁଃଖ କଷ୍ଟ ସହି
ପରକୁ ନିଜର କରି
ସୁଖେ ଥିବି ରହି ।
ମୋ ମଥାରେ ଆଶିଷର
ବାରି ଢାଳି ଦିଅ
ଜୀବନ ଅମଡ଼ାବାଟୁ
କଣ୍ଟା କାଢି ନିଅ ।
ଭଲ ପିଲା ମୋତେ କର
ଅରଜିବି ଯଶ
ଲୁହ ପୋଛି ଓଠଧାରେ
ଫୁଟାଇବି ହସ ।

କୁଞ୍ଜର, ସଙ୍ଗଳାଇ
ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

## କବିତା
ତୁମ ପାଇଁ

## ଚକା ଚକା ଭଉଁରୀ....

### ରାମଚନ୍ଦ୍ର ବେହେରା

ଚକା ଚକା ଭଉଁରୀ..ମାମୁଁ ଘର ଚଉଁରୀ
ମାମୁଁ ଝିଅ ମଇନା..ମିଛ କେବେ କୁହେନା
ହୋଇଗଲେ ସକାଳ..ଉଠେ ସିଏ ସଅଳ
ଆସି ମୋତେ ଖୋଜଇ..ଫୁଂଚି ଖେଳିବା ପାଇଁ
ପ୍ରାତଃ କାଳ ବ୍ୟାୟାମ..ଦେହ ପାଇଁ ଉତ୍ତମ
ସକାଳର କିରଣ..ରୋଗ କରେ ହରଣ
ତେଣୁ ଶୀଘ୍ର ଉଠିବା..ପଡିଆରେ ଖେଳିବା।
ଚକା ଚକା ଭଉଁରୀ..ଡାକୁଅଛି ବାଛୁରୀ
ମାଆ କ୍ଷୀର ପିଇବ..ପେଟ ତାର ଭରିବ
ସଞ୍ଜ ଆଉ ସକାଳେ..କ୍ଷୀର ଦୁହିଁବା ବେଳେ
ହୁଏ ସିଏ ବ୍ୟାକୁଳ..ପିଏ କ୍ଷୀର ଚଞ୍ଚଳ
କ୍ଷୀର ପିଇଲା ପରେ..ଦଉଡେ ସେ ଦାଣ୍ଡରେ
ତା' ଚଂଚଳ ଚେହେରା..ଲାଗେ ଭାରି ନିଆରା
ଆସ ହେବା ଚଂଚଳ..କାମ ହେବ ସଫଳ।
ଚକା ଚକା ଭଉଁରୀ..ଗୀତ ଗାଉଛି ଶାରୀ
ଶାରୀ ଭାରି ଚତୁର..ଗୀତ ଗାଏ ମଧୁର
ଭାଇ ଠାରୁ ଶିଖଇ..ଗୀତ ମନେ ରଖଇ
ଆସ ଆମେ ପଢ଼ିବା..ପଢି ମନେ ରଖିବା
ପଢିଥିଲେ ଧ୍ୟାନରେ..ଭଲ ଚାଟ ହେବାରେ
ଶିକ୍ଷା ଶେଷ କରିବା..ଦେଶ ହିତେ ଲାଗିବା
ଦେଶ କଲେ ବିକାଶ..ମୁଖେ ଫୁଟିବ ହସ।

+ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଜହ୍ନିଫୁଲ ଠୋ ଠା

### ନୀଳମଣି ଚାନ୍ଦ

ଜହ୍ନିଫୁଲ ଠୋ ଠା
କାକୁଡ଼ି ଫୁଲ ଠୋ ଠା
ବରଷା ପଡ଼ ,ନଇରେ ବଢ଼୍
ପାଟି ଶୁଖି ଘୋ' ଘା।
କଦମ୍ବ ଫୁଲ ଠୋ ଠା
କେତକୀ ଫୁଲ ଠୋ ଠା
କାଗଜ ଡଙ୍ଗା ଭସାଅ ପିଲେ
କରନି ପାଟି ହୋ' ହା।
ଜାଇ ଫୁଲ ଠୋ ଠା
ଜୁଇ ଫୁଲ ଠୋ ଠା
ପଦାକୁ ଗଲେ ଛତା ବର୍ଷାତି
ସାଥୀରେ ଧରି ଯା ଯା।
ଟଗର ଫୁଲ ଠୋ ଠା
ତରାଟ ଫୁଲ ଠୋ ଠା
ଘଡ଼ଘଡ଼ିଟା ଚଡ଼୍ କଲେ
ଡାକନି ଡରି ମା ମା।
ଜହ୍ନି ଫୁଲ ଠୋ ଠା
କାଙ୍କଡ଼ ଫୁଲ ଠୋ ଠା
ଆମେ ଧରିଛୁ ଚାରା ପୁଞ୍ଜିଏ
ଲଗାଇ୍ଵ ଯେ ଆ' ଆ'।
ମାଧବୀ ଫୁଲ ଠୋ ଠାଇ
ମାଳତୀ ଫୁଲ? ଠୋ ଠା
ପଡ଼ ସଅଳ ଇନ୍ଦ୍ରଧନୁ
ଆମେ କହିବୁ ବାଃ ବାଃ।
ଜହ୍ନିଫୁଲ ଠୋ ଠା
କାକୁଡ଼ି ଫୁଲ ଠୋ ଠା
ଏବେ ଆଷାଢ଼ ମେଘରେ ମେଘ
ଶ୍ରାବଣ ଯାଏ ଥା ଥା।

+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ଆଣିଦେ ପଖାଳ ବାଢ଼ି

### ନିରାକାର ଚଇନି

ସକାଳୁ ସକାଳୁ ଗାଧୋଇ ପାଧୋଇ
ଠାକୁରଙ୍କ ପୂଜା ସାରି
ଘର ଅଗଣାରେ ବସିଗଲେ ଜେଜେ
ଚକାସନଟିଏ ପାରି।
ବରାଦ କରିଲେ ନାତୁଣୀକୁ ତାଙ୍କ
ଆଣିଦେ ପଖାଳ ବାଢ଼ି
ଦେଖୁନୁ କେମିତି ଖରା ଆସିଲାଣି
ମହାବଳ ପରି ମାଡ଼ି।
ପଖାଳ ଖାଇକି ତୋରାଣି ପିଇଲେ
ପେଟଟି ରହିବ ଥଣ୍ଡା
କଞ୍ଚାଲଙ୍କା ସହ ଖଟା ଦଳିଦେଏ
ଲୋଡ଼ାନାହିଁ ମାଛ ଅଣ୍ଡା।
ପଖାଳ କଂସାଟି ଆମ ଓଡ଼ିଆଙ୍କ
ଅଟଇ ଜୀବନ ଧନ
ଧନୀଠୁ ଗରିବ ଖାଇବାକୁ ତାକୁ
ଉଚ୍ଛନ୍ନ ସଭିଙ୍କ ମନ।
ସହର ବଜାର ହୋଟେଲରେ ଏବେ
ମିଳଇ ଯାହାକୁ ଯେତେ
ଦେଶ ବିଦେଶରେ ଚାହିଦା ତାହାର
ବଢ଼ିଲାଣି କାହିଁ କେତେ।
ପଖାଳ ଖାଇଲେ ଦୂର ହୋଇଥାଏ
ପେଟବଥା ପରି ରୋଗ
ଦହି ପଖାଳଟି ଜଗନ୍ନାଥଙ୍କର
ଅଟଇ ତ ପ୍ରିୟ ଭୋଗ।

+ଶିକ୍ଷକ, ସରକାରୀ ପ୍ରାଥମିକ
ବିଦ୍ୟାଳୟ ସୁବୁଦ୍ଧିସାହି,ଗୋଳାବନ୍ଧ,
ଜଗମୋହନପୁର, କେନ୍ଦୁଝର -୮୪
ମୋ - ୮୨୪୯୩୮୭୯୭୩

## ବୋଉ.....

### ଶରତ କୁମାର ଦାସ

ଖେଳୁଥିଲି ଯେବେ ସାଙ୍ଗସାଥୀ ମେଳେ
ବୋଉ ଡାକୁଥିଲା ଆ',
'ସୁନାକୁ ମୋ'ର ତ ଲାଗିବଣି ଭୋକ
ଖାଇ ଦେଇ ମୁଠେ ଯା' ।

ଧାଇଁ ଯାଉଥିଲି ତା' ଡାକ ଶୁଣି କି
ହାତେ ଦେଉଥିଲା ଖୋଇ,
ପଣତ କାନିରେ ଝାଡିଦେଇ ଧୂଳି
ଦେଉଥିଲା ମୁହଁ ଧୋଇ ।

ଅଝଟ କେବେ ମୁଁ ହେଉଥିଲି ଯେବେ
ଆସୁଥିଲା ପାଶେ ଧାଇଁ,
କୋଳେଇ ନେଇକି ଦେଉଥିଲା ଚୁମା
ଜହ୍ନମାମୁ ଗୀତ ଗାଇ ।

କାଖରେ କାଖେଇ ସରଗକୁ ଚାହିଁ
ଡାକୁଥିଲା- 'ଜହ୍ନ ଆ',
କୁନାଟା ମୋ କାହିଁ ଅଝଟ ହେଉଛି
ବୁଝେଇ ଦେଇକି ଯା ।'

ଅନ୍ଧାରକୁ ପରା ଡରୁଥିଲି ବୋଲି
ବୋଉ କହୁଥିଲା-''ଧନ,
ପାଂଚଥର କହ ଜୟ ହନୁମାନ
ଥୟ ହେବ ତୋର ମନ ।

ଛାତିରେ ଜଡେଇ ଦେଉଥିଲା ଶୋଇ
କହୁଥିଲା ଗପ କେତେ,
'ମୁଁ ଯେ' ଥାଉ ଥାଉ ଡର ତୋ କାହାକୁ
ଆଖି ମୁଦି ଶୁଅ ଯେତେ ।

ମୋ ଦେହରେ ତାତି ଦେଖି ତା' ଆଖିରୁ
ଝରୁଥିଲା ଲୁହ ଥିରି,
ମନଟା ତାହାର ଡହଳ ବିକଳ
ଛାତିଯାଉଥିଲା ଚିରି ।

ଭୋଗ ଯାଚୁଥିଲା ଗାଆଁ ଦେବତାଙ୍କୁ
ଜାଳୁଥିଲା ଘିଅ-ଦୀପ,
ରାତି ପରେ ରାତି ଉଜାଗର ରହି
କରୁଥିଲା କେତେ ଜପ ।

ରାଗରୁଷା ମୋ'ର ଦେଖୁଥିଲା ଯେବେ
କହୁଥିଲା କଥା ହସି,
ହାନି ଲାଭ ଯେତେ ବୁଝୁଥିଲା ସବୁ
ପାଖରେ ହରଷେ ବସି ।

ବୟସଟା ସିନା ବଦଳିଛି ତା'ର
ବଦଳିନି କେବେ ମନ,
ସୁଖେଦୁଃଖେ ମୋର ଥାଏ ଛାଇ ପରି
ହୃଦୟ ତା' ଫୁଲବନ ।

ମିଠା ମିଠା ତା'ର ଭାଷାଟି ନିଆରା
କିଏ ବା ପାରିବ କଳି,
ଜନମେ ଜନମେ ତା' ସେନହେ ଋଣୀ
ତା' ଠାରୁ କିଏ ବା ବଳି !

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ବିଜେପି ମହା ଜନ ସଂପର୍କ ଅଭିଯାନ ଓ ମିଶ୍ରଣ ପର୍ବ




ଲଙ୍ଗଳେଶ୍ୱର , ୧୬/୦୬ (ନି.ପ୍ର): ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲଙ୍ଗଳେଶ୍ୱର ମଣ୍ଡଳର କୁଣ୍ଡୁଳି ପଞ୍ଚାୟତରେ ବିଜେପିର ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ମହାଜନ ସମ୍ପର୍କ ଅଭିଯାନ ବସ୍ତା ନିର୍ବାଚନ ମଣ୍ଡଳୀରେ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ବାଲିଆପାଳ ବ୍ଲକ ସାଂସଦ ପ୍ରତିନିଧି ମହେଶ୍ୱର ଜେନାଙ୍କ ପୌରହିତରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ତଥା ଓଡ଼ିଶା ପ୍ରଦେଶର ସହ ପ୍ରଭାରୀ ବିଜୟ ପାଲ ସିଂ,ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ,ଓଡ଼ିଶା ମହାଜନ ସମ୍ପର୍କ ଅଭିଯାନର ଓଡ଼ିଶା ମୁଖ୍ୟ ବିଷ୍ଣୁ ଦାସ,ବସ୍ତା ବ୍ଲକର ସାଂସଦ ପ୍ରତିନିଧି ପ୍ରଦୀପ ପଣ୍ଡା, ଓବିସି ମୋର୍ଚ୍ଚାର ଜିଲ୍ଲା ସଭାପତି ଅରବିନ୍ଦ ବେହେରା ପ୍ରମୁଖ ଯୋଗଦେଇ ମାନ୍ୟବର ପ୍ରଧାନମନ୍ତ୍ରୀ ୯ ବର୍ଷ ପୂର୍ତ୍ତି ଅବସରରେ କୋଭିଡ ୧୯ ସମୟରେ ଶହେ କୋଟି ଲୋକଙ୍କୁ ମାଗଣାରେ ଟିକା, ବର୍ଷ ବର୍ଷ ଧରି ଗରିବ ଅନ୍ନ ଯୋଜନା ମାଧମରେ ମାଗଣା ଚାଉଳ, ଡାଲି ପ୍ରଦାନ ମାଆ ମାନଙ୍କ ପାଇଁ ଗ୍ୟାସ ଭଳି ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଘରକୁ ଘର ବୁଲି କର୍ମୀ ମାନେ ଲୋକମାନଙ୍କୁ ସଚେତନ କରିବାପାଇଁ ଶ୍ରୀ ସିଂ କହିଥିଲେ । ମୋଦି ସରକାର ଯେଉଁ ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି ସମସ୍ତ ବିଷୟ ରେ ଉପସ୍ଥିତ କର୍ମୀ ମାନଙ୍କୁ ଉଦବୋଧନ ଦେଇଥିଲେ । ସଭା ଶେଷରେ ସାଂସଦ ପ୍ରତିନିଧି ଶ୍ରୀ ଜେନାଙ୍କ ତତ୍ୱାବଧାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ମିଶ୍ରଣ ପର୍ବରେ ପଞ୍ଚାୟତର ପ୍ରାୟ ୭୪ ପରିବାର ବିଜେଡି ଛାଡି ବିଜେପିରେ ବୃନ୍ଦାବନ ଦଳାଇ, ପ୍ରଫୁଲ୍ଲ ମଲ୍ଲିକ, ସୁବାସ ପଟ୍ଟାୟତ, କୁମ୍ଭକର୍ଣ୍ଣ ପଟ୍ଟାୟତ, ଘନଶ୍ୟାମ ମଲ୍ଲିକ, ଭଗିରଥ ମଲ୍ଲିକ, ଚିନ୍ତାମଣି ମଲ୍ଲିକ, ଦଳରେ ସାମିଲ ହେଇଥିଲେ । ଅତିଥି ମାନେ ଟୋପି ଓ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ । ଲଙ୍ଗଳେଶ୍ୱର ମଣ୍ଡଳ ସଭାପତି ଗଗନ ବିହାରୀ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ନାରାୟଣ ମହାପାତ୍ର, ଭୀଷ୍ମ ଚରଣ ମଲ୍ଲିକ,ସତ୍ୟ ସେନ ମଲ୍ଲିକ, ଯମୁନା ମଣୀ ମଲ୍ଲିକ, ଲମ୍ବୋଦର ଜେନା, ପ୍ରମୁଖ ପରିଚାଳନା କରିଥିଲେ ।

# ବାଲେଶ୍ୱରଠାରେ ଜିଲ୍ଲାସ୍ତରୀୟ ଲୋକକଳା ଦିବସ ପାଳିତ



ବାଲେଶ୍ୱର, ୧୬/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ମହକୁମା ଠାରେ ଆଜି ଜିଲ୍ଲା ସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି । ରାଜ୍ୟର ସାଂସ୍କୃତିକ ପରମ୍ପରା ଓ ଐତିହ୍ୟ ପରିପୁଷ୍ଟ ହେବାରେ ଲୋକକଳାର ଅବଦାନ ଅତୁଳନୀୟ । ଓଡ଼ିଶାର ଲୋକ କଳାର ସୁରକ୍ଷା, ପ୍ରଚାର ଓ ପ୍ରସାର ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପ୍ରତିବର୍ଷ ଜୁନ ମାସ ୧୪ ତାରିଖକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲୋକକଳା ଦିବସ ରୂପେ ପାଳନ କରାଯାଉଛି । ପ୍ରତିବର୍ଷ ଏହା ଜିଲ୍ଲା ସ୍ତରରେ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ ଏହି ଦିବସ ନଗର ଓ ବ୍ଲକ ସ୍ତରରେ ମଧ ପାଳନ କରାଯାଉଛି । ସଦର ବ୍ଲକ ମହକୁମାରେ ଏହା ଜିଲ୍ଲା ସ୍ତରୀୟ ଉତ୍ସବ ଭାବେ ପାଳନ କରାଯାଉଛି । ସମ୍ପ୍ରତି ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ, ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ,ବାଲେଶ୍ୱର ସଦର ବ୍ଲକ ଅଧକ୍ଷା ଶ୍ରୀମତୀ ସୁନୀତା ବେହେରା ପ୍ରମୁଖ ଯୋଗଦାନ କରି ଆମ ଲୋକକଳାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଏକ ବାସ୍ତବିକ ଚିତ୍ର ଉପସ୍ଥାପନ କରିବା ସହିତ ଏହାର ସୁରକ୍ଷା, ପ୍ରଚାର ଓ ପ୍ରସାର ଉପରେ ଆଲୋକପାତ କରିଥିଲେ । ସାଧାରଣ ସଭା ପରେ ପରେ ଲୋକକଳାକାର ମାନଙ୍କ ଦ୍ୱାରା ପାଲା ଏବଂ ଚଢ଼େୟା ନାଟ ପରିବେଷଣ କରାଯାଇଥିଲା । ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ନରେନ୍ଦ୍ର ଖମାରୀ ସଭା ପରିଚାଳନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଆଜି ମୟୂରଭଞ୍ଜ ସାରା ଆନ୍ଦୋଳନ କରିବ ଭଞ୍ଜସେନା



ବାରିପଦା, ୧୬/୦୬ (ନି.ପ୍ର): ଓଡ଼ିଶାର ସର୍ବବୃହତ ଆଦିବାସୀ ବହୁଳ ଜିଲ୍ଲା ମୟୁରଭଞ୍ଜର ଆଦିବାସୀ ଓ ହରିଜନ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସ୍ୱାଧୀନତା ପରଠାରୁ ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ସ୍ତରୀୟ ଯୋଜନା ମାଧମରେ କୋଟି କୋଟି ଟଙ୍କା ଅନୁଦାନ ଆସୁଥିବା ବେଳେ ମୟୁରଭଞ୍ଜର ଆଦିବାସୀ ଜନଜାତି ଓ ଅନୁସୂଚିତ ଜନଜାତିର ଅଧିବାସୀ ମାନେ ଆଜି ପର୍ଯ୍ୟନ୍ତ ଅବହେଳିତ ଅବସ୍ଥାରେ ଅଛନ୍ତି । ସରକାର କେବଳ ଯୋଜନା କରୁଛନ୍ତି ମାତ୍ର ଯୋଜନା ପ୍ରକୃତରେ କାର୍ଯ୍ୟକାରୀ ହେଉଛି କି ନାହିଁ ତାର ହିସାବ ରଖୁନାହାନ୍ତି. ଏପରି ଅବ୍ୟବସ୍ଥାକୁ ଉପଲକ୍ଷି କରି ଯୁବଛାତ୍ର ସଂଗଠନ ଭଞ୍ଜସେନା, ଜିଲ୍ଲା ଆଦିବାସୀ ଶାଖା ପକ୍ଷରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ୩ଦଫା ସମ୍ବଳିତ ଦାବୀପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ମାଧମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶରେ ପଠାଯାଇଛି ଏବଂ ଏହାର ଏକକିତା ନକଲ ଓଡିଶା ମୁଖ୍ୟ ଶାସନ ସଚିବ, ୫ଞ୍ଚ ସଚିବ, ମୟୁରଭଞ୍ଜ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବୀ ଗୁଡିକ ମଧ୍ୟରେ ଆଦିବାସୀଙ୍କ ପାରମ୍ପରିକ ପୂଜା ସ୍ଥଳୀ ବା ଜାହିରା ପୀଠର ବାସ୍ତବ ସୁରକ୍ଷା ଓ ବିକାଶ ପାଇଁ ସରକାର ଜାହିଁରା ସ୍ଥଳ ର ପଟ୍ଟା ପ୍ରଦାନ କରିବା, ଫୁଟବଲର ଏନ୍ତୁଡ଼ିଶାଳ ଆମ ମୟୁରଭଞ୍ଜରେ ଫୁଟବଲ ଏକାଡେମୀ ପ୍ରତିଷ୍ଠା କରାଯିବ, ଆଦିବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ମୁଖ୍ୟ ଦାୟିତ୍ୱରେ ଥିବା ମୟୁରଭଞ୍ଜର ଚାରି ଗୋଟି ଆଇ.ଟି.ଡି.ଏ. ରାଇରଙ୍ଗପୁର, କରଞ୍ଜିଆ, ଉଦଳା ଓ ବାରିପଦା ତାଙ୍କ ପ୍ରକୃତ ଦାଇତ୍ୱରୁ ଓହରି କେବଳ ଠିକାଦାରୀ କାର୍ଯ୍ୟକୁ ଅଧିକ ପ୍ରାଥମିକତା ଦେଉଥିବାରୁ ଚାରିଗୋଟି ଆଇ.ଟି.ଡି.ଏ କୁ ଯଥାଶୀଘ୍ର ତାଙ୍କ ପ୍ରକୃତ କାର୍ଯ୍ୟକୁ ପ୍ରାଥମିକତା ଦେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯିବା ଇତ୍ୟାଦି ଦାବୀ ରହିଛି । ଉପରୋକ୍ତ ଦାବୀ ଗୁଡିକ ବାବଦରେ ଯଦି ରାଜ୍ୟ ସରକାର ଆଗାମୀ ଏକ ମାସ ମଧ୍ୟରେ ସରକାରୀ ସ୍ତରରେ କୌଣସି ନିଷ୍ପତ୍ତି ନନିଅନ୍ତି ତେବେ ଏକ ମାସ ଅତିକ୍ରମ କଲା ପରେ ଅର୍ଥାତ ଆଗାମୀ ଜୁଲାଇ ମାସ ୧୭ତାରିଖ ସୋମବାର ଦିନ ସଖାଳ ୬ ଟା ରୁ ୮ ଘଟିକା ସମୟ ସୀମା ମଧ୍ୟରେ ମୟୁରଭଞ୍ଜରେ ଥିବା ଜାହିରା ପୀଠ ଗୁଡିକରେ ପୂଜାର୍ଚ୍ଚନା କରାଯିବ, ପୁଣି ସଖାଳ ୯ ଟା ରୁ ଅପରାହ୍ନ ୧୨ ଘଟିକା ସମୟ ସୀମା ମଧ୍ୟରେ ମୟୁରଭଞ୍ଜ ଦେଇ ଯାଇଥିବା ସମସ୍ତ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଏବଂ ପ୍ରତ୍ୟେକଟି ଛୋଟ ବଡ଼ ରାସ୍ତା ଉପରେ ଫୁଟବଲ ଖେଳି ଦାବୀ ଜଣାଇବା ସହିତ ମୟୁରଭଞ୍ଜ ରେ ଥିବା ୪ଗୋଟି ଆଇ. ଟି. ଡି. ଏ. ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପ୍ରଦର୍ଶନ କରାଯିବ ବୋଲି ଭଞ୍ଜସେନା ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଲୁନ ହାଁସଦା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ।

# ରକ୍ତଦାନ କରି ନଗରପାଳ ପାଳିଲେ ରଜ

ଉଦଳା, ୧୬/୦୬ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ସ୍ଥାନୀୟ ଉପଖଣ୍ଡ ସରକାରୀ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାରରେ ଚଳିତ ଜୁନ ୧୪ ତାରିଖ ବୁଧବାର(ରଜ) ଦିନ ରକ୍ତଦାନ କରିଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଏହିଦିନ 'ବିଶ୍ୱ ରକ୍ତଦାତା ଦିବସ' ପଡୁଥିବାରୁ ରକ୍ତ ଭଣ୍ଡାର ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ସେ ଅତିଥି ଭାବରେ ଯୋଗ ଦେଇଥିଲେ । ତେବେ ରକ୍ତଦାନ କରିବା ତାଙ୍କର ଆଜି ନୂଆ ଘଟଣା ନୁହେଁ, ସେ ବର୍ତ୍ତମାନ ସୁଧା ପ୍ରାୟ ୫୦ ଥରରୁ ଉର୍ଦ୍ଧ ରକ୍ତଦାନ କରିସାରିଲେଣି । ସାହିତ୍ୟ ଓ ସେବାକୁ ନେଇ ଜୀବନ ବଂଚୁଥିବା ମଣିଷଙ୍କ ମଧ୍ୟରେ ପ୍ରମିଳା ପଣ୍ଡା ଜଣେ ଏ କଥା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳେ । ନିୟମିତ କବିତା, ଗଳ୍ପ, ପ୍ରବନ୍ଧ ରଚନା କରିବା ସହିତ କିଛି ସେବା ମୂଳକ କାମ ନକଲେ ମତେ ଆଦୌ ଆତ୍ମ ସନ୍ତୋଷ ମିଳେନାହିଁ ବୋଲି ଶ୍ରୀମତୀ ପଣ୍ଡା କହିଛନ୍ତି । ଆଜିର ଏହି ରକ୍ତଦାନ ଉତ୍ସବରେ ରକ୍ତ ଭଣ୍ଡାର ଅଧିକାରିଣୀ ଡ଼ା. ପ୍ରଜ୍ଞାପ୍ରିୟଦର୍ଶନୀ ବେହେରା, ଡ଼ା. ଲକ୍ଷ୍ମୀକାନ୍ତ ପତି, ଶୁଶାନ୍ତ ପଟ୍ଟନାୟକ ଓ ରକ୍ତକେନ୍ଦ୍ର ଉଦଳାର ପରିଚାଳନା ସମିତିର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ ।




# ବସ୍ତା ଷ୍ଟେସନ ବଜାରରୁ ଦୋକାନ ଚୋରି

ବସ୍ତା , ୧୬/୦୬ (ନି.ପ୍ର): ବସ୍ତା ଥାନାର ବସ୍ତା ରେଳଷ୍ଟେସନ ବିପରିତ ପଟ ରେ ଥିବା ଆରଆଇ ଅଫସ ସାମନାଥିବା ଏକ ମବାଇଲ ମରାମତି ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତ୍ରୀରେ ତାଲା କବାଟ ଭାଙ୍ଗି ନୂଆ ଓ ପୁରୁଣା ମୋବାଇଲ ଚୋରି ହୋଇଛି ବୋଲି ବୁଧବାର ରମେଶଚନ୍ଦ୍ର ବେହେରା ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ମରାମତି ପାଇଁ ଦେଇଥିବା ଲୋକଙ୍କର ବିଭିନ୍ନ ବ୍ରାଣ୍ଡ ରମୋବାଇଲ ଯନ୍ତ୍ରାଂଶ ସହ ପ୍ରାଏ ୩୦ ହଜାର ରୁ ଉର୍ଦ୍ଧ ମୂଲ୍ୟ ହେବବୋଲି ମେକାନିକ ଶ୍ରୀ ବେହେରା କହିଛନ୍ତି । କିଛି ଦିନଧରି ବସ୍ତାର ଚୋରି କିଛି ମାତ୍ରାରେ ରୋକିଥିବା ବେଳେ ଏବେ ଚୋର ସକ୍ରୀୟ ହେବା ଜଣାପଡିଛି ରାତ୍ରୀପେଟ୍ରଲିଙ୍ଗ ଯୋରଦାର କରିବାକୁ ବସ୍ତା ବଣିକ ସଂଘ ପକ୍ଷରୁ ଦାବି ହୋଇଛି ।

# ଲୋକକଳା ଦିବସ ପାଳିତ

ବସ୍ତା୧୪ ।୬(ନିପ୍ର)ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ କାର୍ଯ୍ୟାଳୟ ର ସମ୍ମିଳନୀ କକ୍ଷରେ ଲୋକକଳା ଦିବସ ପାଳିତହୋଇଯାଇଅଛି । ଆଜିର ଏହି ଲୋକକଳା ଦିବସ ପାଳନ ଉତ୍ସବରେ ବ୍ଲକ୍ ଅଧକ୍ଷ ଅଞ୍ଜଳି ଦାସ ଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ବ୍ଲକ୍ ଲୋକକଳା ସଂଘ ସଭାପତି ବିଡ଼ିଓ ସତ୍ୟଜିତ ମହାନ୍ତି ଉପସ୍ଥିତ ରହିଥିବା ବେଳେ ବିଭିନ୍ନ କଳାକାର ଙ୍କ ଦ୍ୱାରା ଲୋକକଳା ପରିବେଷଣ ହୋଇଥିଲା । ଆଜିର ପାଶ୍ଚାତ୍ୟ ସଭ୍ୟତାରେ ପାରମ୍ପାରିକ କଳା ବିଲୁପ୍ତ ହେବାକୁ ବସିଥିବା ବେଳେ ସରକାର ଙ୍କ ଏଭଳି ପ୍ରୟାସ କଳା ବଞ୍ଚାଇବା ସହିତ କଳାକାର ପ୍ରତି ସଂଜୀବନୀ ସଦୃଶ ପାଲଟିଛି ବୋଲି ବିଡ଼ିଓ ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଲୋକକଳା ଉପସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା,ସୁରେନ୍ଦ୍ର ରାଉତ, ଶ୍ରୀଯୁକ୍ତ ରଘୁନାଥ ଦତ୍ତ, ଚନ୍ଦ୍ରକାନ୍ତ ପରିଡ଼ା,ଶରତ କୁମାର ବାରିକ,ଭବାନୀ ରଣା, ନାରାୟଣ ରାଉତ,ଅଚ୍ୟୁତ ଦେ, ଜଗନ୍ନାଥ ପଣ୍ଡିତ, ପୂର୍ଣ୍ଣଚନ୍ଦ୍ର ଭଞ୍ଜ,କମଳାକାନ୍ତ ଚଣ୍ଡ,ମନ୍ମଥ ସେନାପତି, ଅନନ୍ତ ସାହୁ, ଗୋପୀନାଥ ଭଦ୍ର, ଅଶୋକ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ପାତ୍ର, କମଳାକାନ୍ତ ମହାପାତ୍ର, ହରେକୃଷ୍ଣ ଗିରି, ରଘୁନାଥ ରାଉତ,ସନାତନ ଜେନା, ସଂଜିତ୍ ବାରିକ,ପିତାମ୍ବର ଦାସ, ନବକାନ୍ତ ବେହେରା, ବାଇଧର ବାରିକ ଓ ଦିନବନ୍ଧୁ ବିଶି ପ୍ରମୁଖ ବହୁ କଳାକାର ଯୋଗଦାନ କରିଥିଲେ । ମା ଶିତଳା କଳା ପରିଷଦ ଦ୍ୱାରା ଦାସ କାଠିଆ ପାଲା ପରିବେଷଣ କରାଯାଇଥିଲା ।

# ଟେବୁଲ ଟପ୍ ଏକସରସାଇଜ୍ ଓ ମକ୍‌ଡ୍ରିଲ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ




ଭଦ୍ରକ, ୧୬/୦୬ (ନି.ପ୍ର): ପ୍ରାକୃତିକ ଓ ଆକସ୍ମିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରଶାସନସ୍ତରରେ ସଂପୃକ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଆବଶ୍ୟକୀୟ ବିଭିନ୍ନ ଉପକରଣ ସବୁର ପ୍ରସ୍ତୁତି ନେଇ ସଚେତନତା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶମତେ ପ୍ରତିବର୍ଷ ଜୁନ୍ ମାସ ୧୮ ତାରିଖରେ ଟେବୁଲ ଟପ୍ ଏକସରସାଇଜ୍ ଓ ୧୯ରେ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ଏଥିପାଇଁ ଆଜି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଓ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର ଓ ଅତିରିକ୍ତ ଉପଜିଲ୍ଲାପାଳ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମନୋରମା ଜାଲି ବୈଠକର ଆଭିମୁଖ୍ୟ ଓ ୧୮ ଓ ୧୯ ତାରିଖରେ ହେବାକୁ ଥିବା ଟେବୁଲ୍ ଟପ୍ ଏକସରସାଇଜ୍ ଓ ମକଡ୍ରିଲ୍ କାର୍ଯ୍ୟକ୍ରମ ବିଷୟରେ ପୂର୍ଣ୍ଣାଙ୍ଗ ଚିତ୍ର ଉପସ୍ଥାପନ କରିଥିଲେ । ବାହାନଗା ରେଳ ଦୁର୍ଘଟଣାରେ ଶହ ଶହ ମୃତାହତଙ୍କୁ ଉଦ୍ଧାର ପାଇଁ ହଠାତ୍ ଜନବଳ ସହ ଡ଼ାକ୍ତର, ଜେସିପି, ଆସ୍କାଲାଇଟ୍, କଟର ମେସିନ୍, ଆମ୍ବୁଲାନସ୍, ଗାଡ଼ି, କର୍ମଚାରୀ କିପରି ଆବଶ୍ୟକ ହେଲା ଓ ସାମୂହିକ ପ୍ରଚେଷ୍ଟା ବଳରେ ସେ କାର୍ଯ୍ୟ ସମ୍ଭବ ହୋଇପାରିଲା, ବିପର୍ଯ୍ୟୟ ମୁକାବିଲା ଦିଗରେ ଏଥିରୁ ଆମକୁ ଅନେକ ଶିକ୍ଷା ମିଳିଛି ଏବଂ ଆମେ ଏହିଭଳି ଯେକୌଣସି ବିପର୍ଯ୍ୟୟର ମୁକାବିଲା ପାଇଁ ସଦା ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ବୈଠକରେ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ବିପର୍ଯ୍ୟୟ ମୁକାବିଲା ନେଇ ସଂପୃକ୍ତ ବିଭାଗୀୟ ମୁଖ୍ୟମାନେ ସେମାନଙ୍କର ପ୍ରସ୍ତୁତି ସମ୍ବନ୍ଧରେ ଟେବୁଲ ଟପ୍ ଏକସରସାଇଜ୍‌ରେ ଉପସ୍ଥାପନ କରିବେ ଏବଂ ମକଡ୍ରିଲରେ ଡ଼ମି ମେସେଜ୍ ଅନୁଯାୟୀ କାର୍ଯ୍ୟରେ କରି ଦେଖାଇବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ପ୍ରକାଶ କରିଥିଲେ । ଏ ନେଇ ବ୍ଲକ୍ ସ୍ତରରେ ମଧ ପ୍ରସ୍ତୁତି ବୈଠକ କରିବା ସହିତ ଟିମ୍ ଗଠନ ପାଇଁ ଉପସ୍ଥିତ ବି.ଡ଼ି.ଓ.ମାନଙ୍କୁ କୁହାଯାଇଥିଲା । ସୂଚନା ଯୋଗ୍ୟ କି ଜିଲ୍ଲାରେ ଥିବା ସମୁଦାୟ ୧୦୪ଟି ଯାକ ଆଶ୍ରୟସ୍ଥଳିରେ ଏହି ମକ୍‌ଡ୍ରିଲ ହେବ । ଜନସାଧାରଣଙ୍କ ସଚେତନତା ଓ ସତର୍କତା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୧୮ ଓ ୧୯ରେ ପାଳନ ହୋଇଆସୁଥିବା ଏହି କାର୍ଯ୍ୟକ୍ରମରେ ଆଶା, ଅଙ୍ଗନୱାଡ଼ି କର୍ମୀ, ସ୍ଥାନୀୟ ଜନପ୍ରତିନିଧ, ଆଶ୍ରୟସ୍ଥଳ କମିଟି ସଭାପତି, ସମ୍ପାଦକ , ସଦସ୍ୟ, ଓଡ୍ରାଫ୍, ଏନ୍‌ଡ଼ିଆରଏଫ୍, ଅଗ୍ନିଶମ, ପୋଲିସ ଆଦି ସମସ୍ତେ ସାମିଲ ହୋଇଥାନ୍ତି । ବିଭାଗୀୟ ଜିଲ୍ଲା ସଂଯୋଜକ ଅମ୍ଳାନ ଅନୁପମ ସେନାପତି ଏହି ବୈଠକ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

# ତେଲିପାଳ ପଞ୍ଚାୟତ ବିଜେଡି ସଭାପତିଙ୍କ ବିୟୋଗ: ଅଞ୍ଚଳରେ ଶୋକର ଛାୟା

ନୀଳଗିରି , ୧୬/୦୬ (ନି.ପ୍ର): ନୀଳଗିରି ବ୍ଲକ୍ ତେଲିପାଳ ପଞ୍ଚାୟତ ତଥା ଗୋହିରା ଗ୍ରାମର ବିଜୁଜନତା ଦଳର ଆଗଧାଡିର ନେତା ସ୍ୱର୍ଗତ ହରେକୃଷ୍ଣ ଜେନା ଙ୍କ ପୁଅ ହରିନାରୟଣ ଜେନା (୬୪) ଙ୍କ ମୃତ୍ୟୁ ହୋଇଛି । ସେ ଦୀର୍ଘଦିନ ଧରି କିଡନୀରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ସେ ବହୁ ବର୍ଷ ଧରି ବିଜୁଜନତା ଦଳର ପଞ୍ଚାୟତ ସଭାପତି କାର୍ଯ୍ୟ କରିଆସୁଥିଲେ । ଗତ ମଙ୍ଗଳବାର ସନ୍ଧ୍ୟାରେ ଚିକିତ୍ସିତ ଅବସ୍ଥାରେ ନିଜ ବାସଭବନରେ ପରଲୋକ ଘଟିଥିଲା । ମୃତ୍ୟୁ ଖବର ପାଇ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ଗଙ୍ଗାଧର ମିଶ୍ର, ବିଜେଡି ନେତା ସନ୍ତୋଷ ଖଟୁଆ, କୃତିବାସ ବେହେରା, ଅଜୟ ମଢେଇ, ସୁରେଶ ଶଙ୍ଖୁଆ, ଲକ୍ଷ୍ମୀଧର ବେହେରା, ଫ୍ରାନ୍ସିସ ବେକନ୍ ସ ପ୍ରମୁଖ ସ୍ୱର୍ଗତ ଶ୍ରୀ ଜେନାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନକରିବା ସହିତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ । ପରୋପକାରୀ, ମିଷ୍ଟଭାଷୀ, ଦରଦୀବନ୍ଧୁ ଙ୍କୁ ହରାଇଥିବାରୁ ଅଞ୍ଚଳବାସୀ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି ।

# ଫକିରମୋହନ ସେନାପତିଙ୍କ ତିରୋଧାନ ଦିବସ ପାଳିତ

ବାରିପଦା , ୧୬/୦୬ (ନି.ପ୍ର): ଓଡ଼ିଆ ସାହିତ୍ୟର କଥା ସମ୍ରାଟ ବ୍ୟାସକବି ଫକିରମୋହନ ସେନାପତି ଙ୍କ ତିରୋଧାନ ଦିବସ ଆଦ୍ୟାପଦ ତ୍ରିପାଠୀ ଫାଉଣ୍ଡେସନ ତରଫରୁ ପାଳିତ ହୋଇଯାଇଛି । ଇଂ ସୌରଭ ତ୍ରିପାଠୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସହକାରୀ ପ୍ରଫେସର ଡ଼ଃ ସରୋଜ ନାୟକ, କବି ଅମିତାଭ ମିଶ୍ର, ଶିକ୍ଷକ ଅମୂଲ୍ୟ ଦାସ, ମୃତ୍ୟୁଞ୍ଜୟ ବାଗ ପ୍ରମୁଖ ଫକିରମୋହନଙ୍କ ସାହିତ୍ୟ କୃତୀ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଫକିରମୋହନ ସେନାପତି ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ହିତ୍ରିକ କୁମାର ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଭତ୍ତା ପାଇଁ ବିଧବାଙ୍କୁ ଅପେକ୍ଷା କରିବାକୁ ପଡୁଛି ବର୍ଷ ବର୍ଷ

ଉଦଳା, ୧୬/୦୬ (ନି.ପ୍ର): ଯେ ହେଉଛି ଖୁଂଟା ବ୍ଲକର ବୃନ୍ଦାବନଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ରୁତେଇସାହିର ଦୃଶ୍ୟ । ଉକ୍ତ ଗ୍ରାମର ବାସିନ୍ଦା ମିର୍ଜା ହାଁସଦାଙ୍କର ଆଜକୁ ଗୋଟିଏ ବର୍ଷ ପୂର୍ବେ ଦେହାନ୍ତ ହୋଇଯାଇଛି । ଫଳରେ ତାଙ୍କର ସହଧର୍ମିଣୀ ଫୁଲ ବିଧବା ଜୀବନଯାପନ କରିବା ସହିତ ଖୁବ୍ ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ଦିନ ବିତାଇବାକୁ ବାଧ ହେଉଛନ୍ତି । ସରକାରଙ୍କ ତରଫରୁ ତାଙ୍କୁ କେବଳ ମାସିକ ୫ କିଗ୍ରା ଚାଉଳ ଛାଡ଼ିଦେଲେ ଅନ୍ୟ କିଛି ସୁବିଧା ମିଳୁ ନାହିଁ । ସାମାଜିକ ସୁରକ୍ଷା ଯୋଜନାରେ ଭତା କିମ୍ବା ଆବାସ ଯୋଜନାରେ ଘର ତାଙ୍କୁ ଏପର୍ଯ୍ୟନ୍ତ ମିଳିନାହିଁ । ଏଥିପାଇଁ ସେ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି କିଛି ସୁଫଳ ପାଇନଥିବାର କଥା ଗଣମାଧମକୁ ଜଣାଇଛନ୍ତି । ତେବେ ବର୍ତ୍ତମାନ ସେ ଜଙ୍ଗଲରୁ ଶାଳପତ୍ର ସଂଗ୍ରହ କରି ଖଲିଟିପି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର ଜଣାଯାଇଛି । କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବୀ ହେଉଛି ।

# ଶାନ୍ତିକାନନରେ କଥାସମ୍ରାଟ ଫକୀରମୋହନଙ୍କ ଶ୍ରାଦ୍ଧଦିବସ ପାଳନ




ବାଲେଶ୍ୱର, ୧୬/୦୬ (ନି.ପ୍ର): କଥାସମ୍ରାଟ ଫକୀରମୋହନ ସେନାପତିଙ୍କର ୧୦୬ତମ ଶ୍ରାଦ୍ଧ ଦିବସରେ ଗୁରୁବାର ପ୍ରତ୍ୟୁଷରେ ଫକୀରମୋହନ ସାହିତ୍ୟ ପରିଷଦର ସଦସ୍ୟମାନେ ଶାନ୍ତିଘାଟ ଓ ଶାନ୍ତିକାନନରେ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଂକ୍ରାନ୍ତି ପୁରୁଷଙ୍କୁ ଶ୍ରଦ୍ଧା ନିବେଦନ କରିଥିଲେ। ସନ୍ଧ୍ୟାରେ ଫକୀରମୋହନ ସାହିତ୍ୟ ପରିଷଦଦ୍ୱାରା ଶାନ୍ତିକାନନରେ ଅନୁଷ୍ଠିତ ଏକ ବିଶେଷ କାର୍ଯ୍ୟକ୍ରମରେ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ବିଶିଷ୍ଟ ଗବେଷକ ଡ. ରମାକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପରିଷଦଦ୍ୱାରା ସଂକଳିତ 'କବିତା ବାହିକା: ୨' ଓ ପ୍ରାଚୀରପତ୍ରକୁ ଉଦ୍‌ଘାଟନ କରିଥିଲେ। 'ଫକୀରମୋହନଙ୍କ ସାହିତ୍ୟରେ ସମାଜ ଚେତନା' ଶୀର୍ଷକ ଆଲୋଚନାଚକ୍ରରେ ରଞ୍ଜନ ବାଗ, ଡ. ରତ୍ନାକର ସିଂହ, ମମତା ଦାସ, ଶାନ୍ତିଲତା ପଣ୍ଡା, ବିଦ୍ୟାଧର ସାହୁ, ପ୍ରତିମା ପଣ୍ଡା, ଲକ୍ଷ୍ମୀକାନ୍ତ ବେହେରା, ଦେବାଶିଷ ସିଂହ, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଦ୍ୱାରା ରଚିତ ଓ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶିତ ଗୋଟିଏ ଗୀତକୁ ସାମୂହିକ ଭାବରେ ଗାନ କରିଥିଲେ ବାସନ୍ତୀ ଦେ, ତୃପ୍ତିରାଣୀ ପାତ୍ର, ସୁବ୍ରତା ମହାନ୍ତି, ସ୍ନିଗ୍ଧା ସାମନ୍ତରାୟ, ଶାନ୍ତି ବିଶି, ଡୋନା ଗୋଲ୍ଡ ଓ ପୁଷ୍ପଲତା ଚକ୍ରବର୍ତ୍ତୀ। ତବଲାରେ ସହଯୋଗ କରିଥିଲେ ଗୁରୁ ଲକ୍ଷ୍ମୀଧର ଜେନା। ସାମୂହିକ ସଙ୍ଗୀତରେ ଅଂଶଗ୍ରହଣ କରିଥିବା ସମସ୍ତ ଶିଳ୍ପୀଙ୍କୁ ମାୟାଲତା ସିଂ ଉତ୍ତରୀୟ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ରାଜେଶ ଗିରି ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌ବକ୍ତବ୍ୟ ରଖିଥିଲେ। କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଗୁଜରାଟରେ ତାଣ୍ଡବ...

ପରିଣତ ହୋଇ ଉତ୍ତରପଶ୍ଚିମକୁ ଗତି କରୁଛି। ଏହାର ପ୍ରଭାବରେ ଆଜି ଓ ଆସନ୍ତାକାଲି ରାଜସ୍ଥାନରେ ପ୍ରବଳ ବର୍ଷା ହେବ। ସେଠାରେ ବି ଘଣ୍ଟାପ୍ରତି ୭୫ରୁ ୮୫ କିଲୋମିଟର ବେଗରେ ପବନ ହେବ ବୋଲି ଆକଳନ କରାଯାଇଛି। ଆଜି ସନ୍ଧ୍ୟା ସୁଦ୍ଧା ଏହା ରାଜସ୍ଥାନରେ ପହଞ୍ଚିବ। ସେତେବେଳକୁ ଏହା ଏହା ଡିପ୍ ଡିପ୍ରେସନରେ ପରିଣତ ହୋଇସାରିଥିବ।

## ନୟାଗଡ଼ର ପୂର୍ବତନ....

ଏକ ହଲ୍ ଭଡ଼ାରେ ଦେଇଛନ୍ତି ଯାହା ୨୦୦୦ ବର୍ଗଫୁଟର ହେବ। ତାଙ୍କର ଏହି ସବୁ ଘର, ଫାର୍ମହାଉସ୍ ଓ ମାର୍କେଟ କମ୍ପ୍ଲେକ୍ସର ମୂଲ୍ୟ କେତେ ହେବ, ସେ ନେଇ ହିସାବ ଜାରି ରହିଛି। ବ୍ୟାଙ୍କରେ ଶ୍ରୀ ନାୟକଙ୍କର ୬୦ ଲକ୍ଷ ଟଙ୍କା ଜମା ରହିଛି। ତାଙ୍କର ଗୋଟିଏ ଚାରି ଚକିଆ ଗାଡ଼ି ଓ ୨ଟି ଦୁଇ ଚକିଆ ଗାଡ଼ି ଅଛି। ଭିଜିଲାନ୍ସର ଚଢ଼ାଉ ଜାରି ରହିଛି। ତାଙ୍କର ଆହୁରି ଅନେକ ସଂପତ୍ତି ଥିବା ସନ୍ଦେହ କରାଯାଉଛି। ଭିଜିଲାନ୍ସର ୨ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ଓ ପୁରୀର ମୋଟ ୫ଟି ସ୍ଥାନରେ ଏହି ଚଢ଼ାଉ କରାଯାଇଛି।

## ମହିଳା ଆଇପିଏସ....

ଅଭିଯୋଗ ହୋଇଥିଲା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପାଲିନୀସ୍ୱାମୀଙ୍କ ସୁରକ୍ଷା ସମୟରେ ଡ୍ୟୁଟିରେ ଥିଲେ ଏବଂ ଉଭୟ ଏକାଠି କାର୍ ରେ ଯାଉଥିଲେ , ସେହି ସମୟରେ ଏହି ଘଟଣା ଘଟିଥିଲା। ଏହି ମାମଲାରେ ତାମିଲନାଡୁ ସରକାର ରାଜେଶ ଦାସଙ୍କୁ ନିଲମ୍ବିତ କରିଥିଲେ । ଏହାସହ ତଦନ୍ତ ପାଇଁ ଏକ ୬ଜଣିଆ କମିଟି ମଧ୍ୟ ଗଠନ କରିଥିଲେ। ଏହି ମାମଲା ୨୦୨୧ରେ ନିର୍ବାଚନୀ ପ୍ରସଙ୍ଗ ମଧ୍ୟ ହୋଇଥିଲା। ବରୋଧୀ ତତ୍କାଳୀନ ନେତା ଏମକେ ଷ୍ଟାଲିନ୍ ସତ୍ତାରେ ଆସିବା ପରେ ଆଇନ ଅନୁଯାୟୀ ଉଚିତ୍ କାର୍ଯ୍ୟାନୁଷ୍ଠାନ ନେଇ ଆଶ୍ୱାସନା ଦେଇଥିଲା।

## ବଦଳିଲା ନେହରୁ....

ଲାଇବ୍ରେରୀର ନାଁ ବଦଳାଇବାକୁ ଯେଉଁ କୁତ୍ସିତ ଉଦ୍ୟମ କରାଯାଉଛି, ତାହା କେବେ ହେଲେ ପଣ୍ଡିତ ଜବାହରଲାଲ ନେହରୁଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିପାରିବ ନାହିଁ। ସେ ଆଧୁନିକ ଭାରତର ସ୍ରଷ୍ଟା ଓ ଗଣତନ୍ତ୍ରର ସାହାସୀ ଅଭିଭାବକ ଥିଲେ। ଏହା କେବଳ ବିଜେପି-ଆରଏସଏସର ଏକଚ୍ଛତ୍ରବାଦ ଶାସନର ଆଭିମୁଖ୍ୟ ଓ ନିମ୍ନ ମାନସିକତାର ପରିଚୟ।" ଜୟରେମ ରମେଶ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ବିଶ୍ୱଗୁରୁ ଚିତ୍ରକୁ ତାଚ୍ଛଲ୍ୟ କରିଛନ୍ତି। ତେବେ ବିଜେପି ନାଁ ପରିବର୍ତ୍ତନର ଓକିଲାତି କରିଥିବା ବେଳେ ଏହାକୁ ରାଜନୀତିକ ରଙ୍ଗ ନ ଦେବାକୁ କଂଗ୍ରେସକୁ ପରାମର୍ଶ ଦେଇଛି। ବିଜେପି ସାଂସଦ ନୀରଜା ଶେଖର କହିଛନ୍ତି, କଂଗ୍ରେସ କେବେ ହେଲେ ଗୋଟିଏ ବଂଶ ଛଡ଼ା ଆଗକୁ କିଛି ବି ଦେଖିପାରେ ନାହିଁ।

## କର୍ଣ୍ଣାଟକ ପାଠ୍ୟପୁସ୍ତକକୁ ....

କଂଗ୍ରେସ ରାଷ୍ଟ୍ରୀୟ ଶିକ୍ଷା ନୀତିକୁ ମଧ୍ୟ ସମାପ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲା। କଂଗ୍ରେସ କ୍ଷମତାକୁ ଆସିବା ପରେ ଲେଖକ, ବିଚାରକ ଏବଂ ବିଭିନ୍ନ ସଂଗଠନର ପ୍ରତିନିଧିଙ୍କ ଏକ ପ୍ରତିନିଧିମଣ୍ଡଳ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ଭେଟିଥିଲେ ଏବଂ ପାଠ୍ୟପୁସ୍ତକ ସଂଶୋଧନ ସମ୍ବନ୍ଧରେ ଦାବି ପତ୍ର ଦେଇଥିଲେ। ମନ୍ତ୍ରିମଣ୍ଡଳ ରାଜ୍ୟରେ ସମସ୍ତ ସ୍କୁଲ ଏବଂ କଲେଜ ପାଇଁ ପ୍ରତିଦିନ ସମ୍ବିଧାନର ପ୍ରସ୍ତାବନାର ପାଠ ବାଧ୍ୟତାମୂଳକ କରିବାକୁ ନିର୍ଣ୍ଣୟ ନେଇଛନ୍ତି। ଏହା ସମସ୍ତ ସରକାରୀ ଏବଂ ଅନୁଦାନପ୍ରାପ୍ତ ସରକାରୀ ସ୍କୁଲରେ ବାଧ୍ୟତାମୂଳକ ଲାଗୁ ହେବ।

## ବାହାନଗା ରେଳ....

ସେମାନଙ୍କ ଚିକିତ୍ସା ଚାଲିଛି। ଅର୍ଥପେଡିକ, ସର୍ଜରୀ ଓ ମେଡ଼ିସିନ ବିଭାଗ ବିଶେଷଜ୍ଞ ଡାକ୍ତର ସ୍ୱତନ୍ତ୍ର ଭାବେ ରେଳ ଦୁର୍ଘଟଣାରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ସ୍ୱତନ୍ତ୍ର ମନିଟରିଙ୍ଗ କରୁଛନ୍ତି। ଗତ ୨ ତାରିଖ ଦିନ ବାଲେଶ୍ୱର ଜିଲ୍ଲା ବାହାନଗାରେ କରମଣ୍ଡଳ ଏକ୍ସପ୍ରେସ୍, ଯଶୋବନ୍ତପୁର-ହାୱଡ଼ା ଏକ୍ସପ୍ରେସ୍ ଓ ମାଲଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ସ୍ୱାମୀ ସ୍ତ୍ରୀ ଆତ୍ମହତ୍ୟା: ରହସ୍ୟ ଭେଦ କରିବ ଖୋରଧା ପୋଲିସ

ଖୋର୍ଦ୍ଧା, ୧୬/୦୬ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ବାଲୁଙ୍ଗାପାଟଣା ଗ୍ରାମରେ ଏକ ଅଭବନୀୟ ଘଟଣା ଘଟିଛି। ଘରେ ଦୁଇ ଛୋଟ ପୁଅ ଝିଅ ନ ଥିଲା ବେଳେ ସ୍ୱାମୀ ଦୁର୍ଗା ପୃଷ୍ଟି ୫୦, ସ୍ତ୍ରୀ ସରୋଜିନୀ ପୃଷ୍ଟି ୪୦ ବର୍ଷ ବନ୍ଦ ଘରେ ଆତ୍ମ ହତ୍ୟା କରିବା ସନ୍ଦେହ ଲୋକ କରିଚନ୍ତି। ଗତ ୨ ଦିନ ହେଲା ଉକ୍ତ ଘର କବାଟ ନ ଖୋଲିବା ଘରୁ ପଚା ଗନ୍ଧ ଆସିବା ଯୋଗୁ, ଲୋକେ ଟାଙ୍ଗୀ ପୋଲିସ କୁ ଖବର ଦେଇଦ୍ଧିଲେ। ଟାଙ୍ଗୀ ଥାନା ଭାର ପ୍ରାପ୍ତ ଅଫିସର ଶ୍ରୀଯୁକ୍ତ ବିଶ୍ୱାଳ ଓ ଟାଙ୍ଗୀ ଅତିରିକ୍ତ ତହିଲଦାର ଜାଇ କବାଟ ଭାଙ୍ଗି ଖୋଲି ଦୁଇ ଜଣ ଯାକ ମୃତ ବୋଲି ଜାଣିବାକୁ ପାଇ ଥିଲେ। ଶବ ସାଇଣ୍ଟିକ ଟିମ ପରୀକ୍ଷା କରିବା ପାଇଁ ଖବର ଦେଇ , ବେବଚ୍ଛେତ ପାଇଁ ପଠାଇବେ କହିଛନ୍ତି। ଶୁଣିବାକୁ ମିଳେ ସ୍ୱାମୀ ସ୍ତ୍ରୀ ଦୁଇ ଜଣ ଭଲ ଲୋକ ଓ ଗ୍ରୋଷରୀ ଦୋକାନ, ପାମ୍ପଡ ତିଆରି କରି ବିକନ୍ତି। ତାଙ୍କର କିଛି ଅସୁବିଧା ନ ଥିବା ଉପରକୁ କଣା ଯାଏ ନାହିଁ। ମଲା ପୂର୍ବ ଦୁଇଦିନ ଆଗରୁ ଦୁଇ ପିଲାଙ୍କୁ ମାମୁ ଘରକୁ ପଠା ଦେଇଥିଲେ ଶୁଣିବାକୁ ମିଳେ। ଏକା ବେଳ ବାପ ମାଆ ହରାଇ ଦୁଇ ନାବାଳକ ସନ୍ତାନ ଅନାଥ ହୋଇଗଲେ। ଆମ୍ ସରକାର ଏହି ଦୁଇ ବାପ ମାଆ ଛେଉଣ୍ଡ, ପିଲାଙ୍କ ରହିବା, ଖାଇବା ଓ ପାଠ ପଢ଼ିବା ଭାର ଆମ୍ ଲୋକ ପ୍ରିୟ ଓଡ଼ିଶା ସରକାର ନେବାକୁ ଦାବୀ ହେଉଛି। ଦେଖିବାକୁ ବାକି ରହିଲା ନିର୍ବାଚିତ ଲୋକ ପ୍ରତିନିଧି ଖୋର୍ଦ୍ଧା ବିଧାୟକ ଓ ଜିଲ୍ଲା। ପରିଷଦ ଅଧ୍ୟକ୍ଷା ଜଣେ ମାଆ । ଏହି ମାନେ କଣ୍ କରି ପାରୁ ଛନ୍ତି। ଅନାଥ ପିଲାଙ୍କୁ ସାହାଯ୍ୟ କରିବା ଧର୍ମ ଓ କର୍ମ ମାନବିକତା , ଲୋକ କଥା ଅଛି।

# ଦଳୀୟ ଚିହ୍ନ ଛାଡ଼ି ବ୍ୟକ୍ତିତ୍ୱ ରାଜନୀତି କରନ୍ତୁ 'ସ୍ୱାଭିମାନୀ ମଞ୍ଚ

ଲଙ୍ଗଳେଶ୍ୱର ୧୬/୬ (ନିପ୍ର)ବାଲିଆପାଳ ବ୍ଲକ ବାଲିଆପାଳିଆ ସ୍ୱାଭିମାନୀ ମଞ୍ଚ ତରଫରୁ ବ୍ଲକଛକ ଶୁଭମ ଅତିଥି ଭବନରେ ଶୁକ୍ରବାର ବନ୍ଧୁମିଳନ ଓ ସାମ୍ବାଦିକ -ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବାଲିଆପାଳ ଅଞ୍ଚଳର ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ସୁପୁତ୍ର ତଥା ମଞ୍ଚର ଆବାହକ ସତ୍ୟକାମ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅତିଥି ଭାବେ ଦୈନିକ ଓଡ଼ିଆ ଖବର କାଗଜ ସେଇଠୁ ଆରମ୍ଭ ର ସମ୍ପାଦକ ଶୁଭେନ୍ଦୁ ଦାସ, ଶିକ୍ଷାବିତ ସୁସାହିତ୍ୟକ ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି, ଅବସରପ୍ରାପ୍ତ ପ୍ରାଧ୍ୟାପକ କୁଞ୍ଜକାନ୍ତ ପାତ୍ର, ଯୁବ କଂଗ୍ରେସ ନେତା ବିକ୍ରମ ପଣ୍ଡା ଓ ବାଲିଆପାଳ ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ପ୍ରଗତିର ପଥ ରୋଧ କରୁଥିବା ଲୋକ ପ୍ରତିନିଧିଙ୍କୁ ବାଲିଆପାଳ ବାସୀ ଉଚିତ ଜବାବ ଦେବା ଦରକାର।ବାଲିଆପାଳ ବିକାଶ ସହିତ କୌଣସି ସାଲିସ ମଧ କରାଯିବା ଅନୁଚିତ । ବାଲିଆପାଳର ସ୍ୱାଭିମାନ ଆଜି ବିଡ଼ମ୍ବିତ ବୋଲି ସେମାନେ ମଧ ପ୍ରଶ୍ନ ଉଠାଇଥିଲେ। ମଞ୍ଚ ଆଗାମୀ ଦିନରେ ବାଲିଆପାଳ ବିକାଶର ମଙ୍ଗ ଧରୁ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ଼ଃ ସୁଶାନ୍ତ କୁମାର ଦାସ,ରାଜ କିଶୋର ପାତ୍ର ,ପ୍ରହ୍ଲାଦ ଘଡ଼େଇ ,ଜୀବନ କୃଷ୍ଣ ଜେନା,ଜଗବନ୍ଧୁ ଜେନା, ଦେବାଶିଷ ପାତ୍ର , ସଞ୍ଜୟ କୁମାର ଗିରି ,ଗୌତମ ପରିଡା ପ୍ରମୁଖ ଉଦବୋଧନ ପ୍ରଦାନ କରିଥିଲେ । ଆୟୋଜିତ ସଭାରେ ସାମ୍ବାଦିକ,ବୁଦ୍ଧିଜୀବୀ , ସମାଜସେବୀ ଏବଂ ବାଲିଆପାଳ ଅଞ୍ଚଳର ବହୁ ଯୁବ ଛାତ୍ର ଅଂଶଗ୍ରହଣ କରିଥିଲେ। ବାଲିଆପାଳ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଏବଂ ସ୍ଥାନୀୟ ଲୋକଙ୍କ ମୌଳିକ ସମସ୍ୟା ବିଷୟରେ ଆୟୋଜିତ ସଭାରେ ସେମାନେ ଆଲୋଚନା କରିବା ସହିତ ଏହାର ନିରାକାରଣ ନିମନ୍ତେ ଯୁବାବର୍ଗ କୁ ଏକତ୍ରିତ ହୋଇ ଲଢ଼େଇ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ସଭ୍ୟ ରାଧାକୃଷ୍ଣ ଦାସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।ରିଙ୍କୁ ରଞ୍ଜନ କର ,ତପନ କୁମାର ସାହୁ,ବାପି ସିଂ,ଅରୁଣ କୁମାର ମହାନ୍ତି, ବିକ୍ରମ କେଶରୀ ଦେ, ପ୍ରଦୀପ କୁମାର ଜେନା ,ମନୋଜ କୁମାର ଜେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ଚତୁର୍ଥ ପର୍ଯ୍ୟାୟ'ପ୍ରୋଜେକ୍ଟ ସହଯୋଗ': ଅରଡ଼ବଜାର ହରିପୁର ଛକରେ ସିସିଟିଭି କ୍ୟାମେରା ଉଦ୍‌ଘାଟିତ



ବାଲେଶ୍ୱର, ୧୬/୦୬ (ନି.ପ୍ର): ଜିଲା ପୁଲିସ ପକ୍ଷରୁ 'ପ୍ରୋଜେକ୍ଟ ସହଯୋଗ' ର ଚତୁର୍ଥ ପର୍ଯ୍ୟାୟରେ ଅରଡ଼ବଜାର ହରିପୁର ଛକରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ଶୁକ୍ରବାର ଉଦଘାଟିତ ହୋଇଯାଇଛି। ବାଲେଶ୍ୱର ଏସପି ସାଗରିକା ନାଥ ଏହି ସିସିଟିଭି କ୍ୟାମେରା ବ୍ୟବସ୍ଥାକୁ ଉଦଘାଟନ କରିବା ସହିତ 'ପ୍ରୋଜେକ୍ଟ ସହଯୋଗ'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଟ୍ରାଫିକ ବ୍ୟବସ୍ଥାର ଉନ୍ନତ ଓ ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ପାଇଁ 'କ୍ରାଉଡ଼ ଫଣ୍ଡିଂ' ଜରିଆରେ ଜନସାଧାରଣଙ୍କ ସହଭାଗିତାରେ ସହରର ଜନଗହଳି ଛକମାନଙ୍କରେ ଏହିଭଳି ସିସିଟିଭି ବ୍ୟବସ୍ଥା କରାଯାଉଥିବା ସେ କହିଛନ୍ତି। ସହରର ୩୦ଟି ଛକରେ ସିସିଟିଭି କ୍ୟାମେରା ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିବା ଏସପି ଶ୍ରୀମତୀ ନାଥ କହିଛନ୍ତି। ହରିପୁର ଛକରେ ଲଗାଯାଇଥିବା ସିସିଟିଭି କ୍ୟାମେରା ପାଇଁ ସହାୟତା ପ୍ରଦାନ କରିଥିବା ରାଜା ବ୍ରିକ୍ସ, ରାଜା ଫ୍ଲାଏଆସ ବ୍ରିକସ, ରାଜା ଟାଇଲ୍ସ ଏଣ୍ଡ ପେଭର, ରାଜା ଆଗ୍ରୋ କୋଲ୍ଡ ଷ୍ଟୋରେଜ, ରାଜା ଫିଟନେସ ୱାର୍ଲ୍ଡ, ରାଜା ଷ୍ଟୋନ ପ୍ରୋଡକ୍ଟ ପ୍ରଭୃତି ସଂସ୍ଥାକୁ ଏସପି ସାଧୁବାଦ ଜଣାଇଥିଲେ। ଏହି କ୍ୟାମେରା ପରିଚାଳନା ପାଇଁ ବାଲେଶ୍ୱରର ଅଗ୍ରଣୀ ବ୍ରଡବ୍ୟାଣ୍ଡ ସେବା ପ୍ରଦାନକାରୀ ସଂସ୍ଥା 'ଓଡିନେଟ ଇନଫୋକମ'ର ଫାଇବର ନେଟୱାର୍କ ବ୍ୟବହାର କରାଯାଉଥିବା ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାଜଗୋପାଲ ସାହୁ, ଶକୁନ୍ତଳା ସାହୁ, ଗୌରବ ସାହୁ ପ୍ରମୁଖଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ପ୍ରଧାନ, ଡିଏସପି ବ୍ରଜ ମୋହନ ପ୍ରଧାନ ଓ ବିଲକିସ ନେଶା ବିବି, ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ, ଟାଉନ ଥାନାଧିକାରୀ ପର୍ଶୁରାମ ସାହୁଙ୍କ ସମେତ ଆଇଆଇସି ଗଣେଶ୍ୱର ପ୍ରଧାନ, ଓଡିନେଟ୍ ଇନଫୋକମର ନିର୍ଦ୍ଦେଶକ ଦେବଜ୍ୟୋତି ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ବିଜ୍ଞପ୍ତି

ବାହାନଗା ବଜାର (ବାଲେଶ୍ୱର)ର
ଦୁଃଖଦ ରେଳ ଦୁର୍ଘଟଣାରେ ମୃତକଙ୍କ ସମ୍ପର୍କୀୟ/ଆତ୍ମୀୟଙ୍କ ନିମନ୍ତେ

ଏତଦ୍ୱାରା 02.06.2023ରେ ବାହାନଗା ବଜାର, ଜିଲ୍ଲା-ବାଲେଶ୍ୱର (ଓଡ଼ିଶା)ରେ 12841 ଶାଲିମାର-ଏମ୍‌ଜିଆର ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍ ଏବଂ 12864 ଏସ୍‌ଏମ୍‌ଭିବି ହାଓଡ଼ା ଏକ୍ସପ୍ରେସ୍ ମଧ୍ୟରେ ସଂଘଟିତ ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ/ଆତ୍ମୀୟମାନଙ୍କୁ ଅଚିହ୍ନା ମୃତକଙ୍କ ସହ ସମ୍ପର୍କ ସିଦ୍ଧ କରିବା ନିମନ୍ତେ ନିଜର ଡିଏନ୍‌ଏ ନମୁନା ପ୍ରଦାନ କରିବାକୁ ଭାରତୀୟ ରେଳ ଅନୁରୋଧ ଜଣାଉଛି।

ସ୍ଥାନ
ଆକାଡେମିକ ବ୍ଲକ (କମିଟି ରୁମ),
AIIMS, ଭୁବନେଶ୍ୱର

ଦୟାକରି ନିମ୍ନଲିଖିତ ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କରନ୍ତୁ:

139
ଭାରତୀୟ ରେଳ ହେଲ୍‌ପ୍‌ଲାଇନ୍

ଶ୍ରୀ ଦିଗମ୍ବର ପାଢ଼ି, ସହାୟକ କାର୍ମିକ ଅଧିକାରୀ
ମୋବାଇଲ-8455887604

ଶ୍ରୀ ବିଶ୍ୱନାଥ ପାଢ଼ି, ସହାୟକ ବାଣିଜ୍ୟ ପ୍ରବନ୍ଧକ
ମୋବାଇଲ-8455885967

ଶ୍ରୀ ବି.ତପନ କୁମାର, ଲୋକସମ୍ପର୍କ ଅଧିକାରୀ
ମୋବାଇଲ-8455885040

ଶ୍ରୀ ବିକାଶ କୁମାର, ଲୋକସମ୍ପର୍କ ଅଧିକାରୀ
ମୋବାଇଲ-8455885041

ଭୁବନେଶ୍ୱର ରେଳ ଷ୍ଟେସନଠାରେ ସହାୟତା: 0674-2534027
ପୂର୍ବ ତଟ ରେଳପଥ କଣ୍ଟ୍ରୋଲ ରୁମ୍, ଭୁବନେଶ୍ୱରଠାରେ ସହାୟତା: 8455885999
ଏବଂ ଖୋର୍ଦ୍ଧା ରୋଡ଼ଠାରେ ସହାୟତା: 8455887999

D-2/23

ଭାରତୀୟ ରେଳ


# ବେଣୁମାଧବ ପଣ୍ଡାଙ୍କ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର, ୧୬/୦୬ (ନି.ପ୍ର): ସତ୍ୟସାଇ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ପୂର୍ବତନ ଚେୟାରମ୍ୟାନ ଯୁବସମାଜସେବୀ ସ୍ୱର୍ଗତ ବେଣୁମାଧବ ପଣ୍ଡାଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଣ୍ଡାଙ୍କ ପିତା ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡାଙ୍କ ପୌରହିତ୍ୱରେ ତଥା ସମାଜସେବୀ କିଶୋର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୌରାଧ୍ୟକ୍ଷା ସବିତା ସାହୁ, ଆଇନଜୀବୀ ବିଜୟ ପାଣିଗ୍ରାହୀ, ଯୁବନେତା ବିକ୍ରମ ପଣ୍ଡା, ବିଭୁପଦ ଦାସ, ସାହିରୁଲ ହକ, ଶୁଭଙ୍କର ମହାପାତ୍ର, ମମତା ମହାପାତ୍ର, ଅର୍ଚ୍ଚନା ନନ୍ଦୀ, ମନୋଜ ରାଉତ, କାଉନସିଲର ଶେଖ ଆୟୁବ, ଗଙ୍ଗାଧର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଜୀବନାଦର୍ଶ ଓ ବହୁବିଧ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। କେବଳ ଶିକ୍ଷାଦାନ ନୁହେଁ ବରଂ ସମାଜସେବା କ୍ଷେତ୍ରରେ ସ୍ୱର୍ଗତ ପଣ୍ଡାଙ୍କ ସକ୍ରିୟ ସମ୍ପୃକ୍ତି ଅନ୍ୟମାନଙ୍କ ପାଇଁ ଉଦାହରଣ ଥିଲା। ବିଶେଷ କରି ସ୍ୱର୍ଗତ ପଣ୍ଡାଙ୍କ ଦ୍ୱାରା ଗରିବ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ, ଅବହେଳିତ ବର୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଉଦ୍ୟମ, ବନ୍ୟାବାତ୍ୟା ସମୟରେ ଦୁର୍ଗମ ଅଞ୍ଚଳକୁ ଯାଇ ପୀଡ଼ିତଙ୍କୁ ରିଲିଫ ପ୍ରଦାନ ଆଦି ସେବାମୂଳକ କାର୍ଯ୍ୟ ତାଙ୍କୁ ଆଜି ସ୍ମରଣୀୟ ରଖିଛି ବୋଲି ବକ୍ତାମାନେ କହିଥିଲେ । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, କବି ପ୍ରଶାନ୍ତ ଦାସ, 'ସମାଜ' ଉତ୍ତର ଓଡ଼ିଶା ସଂସ୍କରଣ ସାଧାରଣ ପରିଚାଳକ ମଧୁସୂଦନ ଦାସ, ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଫୋଟଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସେଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ସ୍ୱଗତଃ ପଣ୍ଡାଙ୍କ ପୁତ୍ର ବୈଦିକ ପଣ୍ଡା ଏହି ଶିବିରକୁ ଉଦଘାଟନ କରିଥିବା ବେଳେ ମାତା କୁନ୍ତଳା କୁମାରୀ ପଣ୍ଡା ଓ ପତ୍ନୀ ସ୍ୱୟଂ ସରିତା ପଣ୍ଡା ଏଥିରେ ଉପସ୍ଥିତ ଥିଲେ । ରମାକାନ୍ତ ମହାରଣା, ଅର୍ଦ୍ଧେନ୍ଦୁ ଶେଖର ଦାସ, ବିଭୂଦତ୍ତ ପରିଡ଼ା, ପ୍ରଦୀପ ସାହୁ, ଜିତେନ ପାତ୍ର, ମାନସ ସାହୁ, ଅଜୟ ପଣ୍ଡା, ରଞ୍ଜନ କୁମାର ଦାସ ପ୍ରମୁଖଙ୍କ ସମେତ ସତ୍ୟସାଇ ଇଞ୍ଜିନୟରିଂ କଲେଜ ଓ ସତ୍ୟସାଇ ଡିପ୍ଲୋମା ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ବିଭିନ୍ନ ସ୍ଥାନରେ ରଜପର୍ବ ପାଳିତ

ଜଳେଶ୍ୱର ୧୬/୬(ନି.ପ୍ର): ଜଳେଶ୍ୱରର ଅନ୍ୟତମ ପ୍ରତିଷ୍ଠିତ ସଂଗଠନ ଅର୍ଣ୍ଣବ ଚେରିଟେବୁଲ ଫାଉଣ୍ଡେସନ ପକ୍ଷରୁ ନିଆରା ରଜମଉଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜଳେଶ୍ୱର ବଡବଜାରଠାରେ ଆଦିବାସୀ ସାହିରେ ପୁଚି, ରଜଦୋଳି, ସଂଗୀତ, ନାଚ, ପ୍ରତିଯୋଗୀତା, ପୁରସ୍କାର ବିତରଣ, ମିଠା, ପିଠା ଓ ଖିରୀରେ ଆପ୍ୟାୟିତ କରିଥିଲେ । ଫାଉଣ୍ଡେସନର ସଭାପତି ଦୀପ୍ତିରାଣୀ ନନ୍ଦୀ, ସଂପାଦକ ଆଦିକନ୍ଦ ଦାସ ଅଧିକାରୀ, ଉପଦେଷ୍ଟା ନିବେଦିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଛମୌଜସ୍ଥିତ ଦୀନକୃଷ୍ଣ କ୍ଲବରେ ୩ ଦିନିଆ ରଜମୋହତ୍ସବ ମହାଦେବ ପ୍ରାଙ୍ଗଣରେ ପାଳିତ ହୋଇଛି । ଏହାକୁ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଓଝା ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥିଭାବେ କବି କାଳିପଦ ପଣ୍ଡା, ଗ୍ରାମ୍ୟମୁଖ୍ୟ ବିନୋଦ ମହାପାତ୍ର, ନରହରି ବେହେରା, ରମେଶ ଚନ୍ଦ୍ର ଜେନା, ଭୂପତି ପରିଡା, ବନବିହାରୀ ଦାସ ଅଧିକାରୀ ପ୍ରମୁଖ ମଂଚାସୀନ ଥିଲେ । ଗାନ୍ଧିସେବାଶ୍ରମର ଅନ୍ତେବାସୀ ଓ କର୍ମଚାରୀଙ୍କ ସହଯୋଗରେ ରଜ ଉତ୍ସବ ପାଳିତ ହୋଇଛି । ରଜପର୍ବର ସଂଗୀତ, ତାଳେ, ତାଳେ ମାନସ ଜେନା ମୁଖ୍ୟ ଅତିଥିଭାବେ ଓ ସମ୍ମାନୀତ ଅତିଥି ଭାବେ ସିତାଂଶୁ ସେନାପତି, ଅଶୋକ ଜେନା, ଶ୍ୟାମାଚରଣ ଦାସ, ଡ. ଲଳିତ ରଂଜନ ସେନାପତି ଓ ସୁଧିର କର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିବର୍ଷ ପରି ଚଳିତବର୍ଷ ଧରିତ୍ରୀ ଉତ୍ସବ ବାଗପୁଂଜିଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଉଦ୍‌ଘାଟନ କରିଥିଲେ । ଆୟେରଜିତ ଉତ୍ସବରେ କୃପାନିଧି ସିଂହ ସମାପତିତ୍ୱ କରିଥିଲେ । ଏଥିରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ପାତ୍ର ଉତ୍ସବ ଆଂଚଳକି ସ୍ତରରେ ଭାଇଚାରା ଓ ପ୍ରତିଭା ବିକାଶ କରୁଥିବା ବେଳେ ଓଡିଶାରେ ଗଣପର୍ବ ରଜ ପର୍ବ ସମଗ୍ର ବିଶ୍ୱରେ ଅନନ୍ୟ ପରିଚୟ ସୃଷ୍ଟି କରିଛି । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷ ସଂଚିତା ସେନାପତି, ଅଜୟ ସିଂହ, ରଂଜନ ସିଂହ ପ୍ରମୁଖ ଯୋଗ ଦେଇଥିଲେ । ବିଚାରକଭାବେ ତରଙ୍ଗ ଚେନାଲର ମାୟାବିନୀରେ ଅଭିନେତ୍ରୀ ସୁଭଶ୍ରୀ ଦାସ ଓ ଓଡିଆ ଆଲବମ୍ ଅଭିନେତା ସନ୍ଦିପ କୁମାର ଉପସ୍ଥିତ ଥିଲେ । ରଜକୁଇନ୍ ପ୍ରତିଯୋଗିତା ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା । କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ବିଭିନ୍ନ ସଙ୍ଗଠନ ପକ୍ଷରୁ ମୃତକଙ୍କୁ ଶ୍ରଦ୍ଧାଞ୍ଜଳୀ

ଖଇରା, ୧୬/୦୬ (ନି.ପ୍ର): ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତି ମାନଙ୍କ ଉଦ୍ଦେଶ୍ୟରେ ଖଇରାର ବିଭିନ୍ନ ସଙ୍ଗଠନ ତରଫରୁ ଏକାଦଶାହରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି । ଖଇରା ସାହିତ୍ୟ ସଂସଦ, ପ୍ରତିଭା ପରିବାର, ଜନଜାଗରଣ ମଞ୍ଚ, ପତଞ୍ଜଳୀ ଯୋଗ ସମିତି, ବରିଷ୍ଠ ନାଗରିକ ମଞ୍ଚ, ଖଇରା ସାମ୍ବାଦିକ ସଂଘ ତରଫରୁ ନିରବ ପ୍ରାର୍ଥନା, ଗୀତା ଓ ବେଦପାଠ କରାଯାଇଥିଲା ।ସଙ୍ଗଠନର ମୁଖ୍ୟ ଭାବେ ବିଶିଷ୍ଟ ସାହିତ୍ୟକ ମାୟାଧର ନାୟକ, ପ୍ରଫେସର ଉମେଶ ଚନ୍ଦ୍ର ନାୟକ, ବରିଷ୍ଠ ଖବରଦାତା ଅନାମ ଚରଣ ପଣ୍ଡା,ବଳରାମ ଲେଙ୍କା, ମୁକ୍ତିକାନ୍ତ ଶତପଥି, ସନାତନ ବେହେରା, ନିରଞ୍ଜନ ବେହେରା , ନାରାୟଣ ଚନ୍ଦ୍ର ପେଡା ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ଧୈର୍ଯ୍ୟ ରଖିବାକୁ ପରାମର୍ଶ ଦେଇଥିଲେ ।

## ପାଠପଢ଼ା ଛାଡ଼ିଲେ ରଂଜନ କୁଅଁର

ଉଦଳା, ୧୬/୦୬ (ନି.ପ୍ର): ଖୁଂଟା ବ୍ଲକର ଧାନଘେରା ପଂଚାୟତ ଅନ୍ତର୍ଗତ ହାତୀସାହି ଗ୍ରାମର ବାସିନ୍ଦା ଦୁଃଶାସନ କୁଅଁର ଓ ସବିତା କୁଅଁରଙ୍କର ପୁତ୍ର ରଂଜନ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ରଂଜନଙ୍କର କହିବା ଅନୁସାରେ ସେ ଗ୍ରାମରେ ଥିବା ବିଦ୍ୟାଳୟରେ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । କରୋନା ସମୟରେ ବିଦ୍ୟାଳୟ ବନ୍ଦ ରହିବା ଫଳରେ ସେ ପାଠ ଠାରୁ ଦୁରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ପୁଣି ଥରେ ତାଙ୍କୁ କିପରି ବିଦ୍ୟାଳୟକୁ ନିଆଯିବ ଓ ପାଠ ସହିତ ବାନ୍ଧି ରଖାଯିବ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଫଳରେ ସେ ପାଠ ପଢ଼ାରେ ଡ଼ୋରି ବାନ୍ଧିଦେବାକୁ ବାଧ ହେଲେ । ରଂଜନଙ୍କୁ ବର୍ତମାନ ବୟସ ୧୩ ବର୍ଷ ଛୁଇଁଲା । ସରକାରଙ୍କ ଘୋଷଣା ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା, ଅଥଚ ରଂଜନଙ୍କ ପରି ପିଲା ବର୍ତମାନ ମଧ ବିଦ୍ୟାଳୟ ବାହାରେ ଅଛନ୍ତି । ରଂଜନଙ୍କ ପାଇଁ ସରକାରୀ ଘୋଷଣା ପ୍ରହସନ ପାଲଟିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ୨୨ରେ ଖଇରା ଆସୁଛନ୍ତି ୫-ଟି ସଚିବ

ଖଇରା, ୧୬/୦୬ (ନି.ପ୍ର): ୫-ଟି ସଚୀବ ଭିକେ ପାଣ୍ଡିଆନ ଆସନ୍ତା ୨୨ ତାରିଖରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଗସ୍ତ କରୁଥିବା ନେଇ କାର୍ଯ୍ୟସୂଚୀ ପ୍ରକାଶ ପାଇବା ପରେ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି । ମିଳିଥିବା ସୁଚନା ଅନୁଯାୟୀ ୮ଟା ୩୦ମିନିଟରେ ସେ କୁପାରୀ ହେଲିପ୍ୟାଡ ପହଞ୍ଚି କୁପାରୀ-ସୋର ରାସ୍ତାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ପରେ ରୋଗୀ ମାନଙ୍କ ସହ ବାର୍ତ୍ତାଳାପ କରିବେ । ପୁନଶ୍ଚ କୁପାରୀ ଫେରି ପଞ୍ଚାୟତ ପଡିଆ ସାଧାରଣ ଜନତା ଏବଂ ମିଶନ ଶକ୍ତି ଗୋଷ୍ଠୀ ସହ ବାର୍ତ୍ତାଳାପ କରିବେ । ପରେ ସିମୁଳିଆ ବ୍ଲକ ଗସ୍ତକରି ଜାମୁଝାଡିରେ ବାଉଁଶକାରିଗରଙ୍କ ସହ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିବେ । ଏହି ଅବସରରେ ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ ଶୁକ୍ରବାର କୁପାରୀ ହେଲିପ୍ୟାଡ ଓ ଅନ୍ୟାନ୍ୟସ୍ଥାନ ପରିଦର୍ଶନ କରି ଫେରିଛନ୍ତି ।

# ଡିଜିଟାଲ ଓ ପାରମ୍ପାରିକ ସାହିତ୍ୟ ପତ୍ରିକା ସୃଜନାକ୍ଷର ଉନ୍ମୋଚିତ



ବାଲେଶ୍ୱର, ୧୬/୦୬ (ନି.ପ୍ର): ଡିଜିଟାଲ ଏବଂ ପାରମ୍ପରିକ ସାହିତ୍ୟ ପତ୍ରିକା 'ସୃଜନାକ୍ଷର'ର ପଞ୍ଚମ ସଂଖ୍ୟା ବୁଧବାର ସଂଧ୍ୟାରେ ଉନ୍ମୋଚିତ ହୋଇଯାଇଛି । ସ୍ଥାନୀୟ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଡ. ରାଖାଲ ଚନ୍ଦ୍ର ଘଡ଼େଇଙ୍କ ସଭାପତିତ୍ୱ କରିଥିଲେ । ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ସ୍ତମ୍ଭକାର ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଯେଉଁ ସୃଜନଶୀଳ ସୃଷ୍ଟିକୁ ପାଠ କଲେ ରୌଦ୍ରତପ୍ତ ଧରାରେ ଦଲକାଏ ଶୀତଳ ପବନ ସଂଚରିତ ହୁଏ, ତାହାହିଁ କାଳଜୟୀ ହୁଏ ବୋଲି କହିଥିଲେ । 'ଆମ ନିଉଜ'ର ପ୍ରତିଷ୍ଠାତା ନିର୍ଦ୍ଦେଶକ ବିପ୍ଳବ କୁମାର ମହାନ୍ତି, ସିଦ୍ଧି ବିନାୟକ ବ୍ଲିକ ସ୍କୁଲର ଅଧକ୍ଷ ଶ୍ରୀ ସୁଧାଂଶୁ ଶେଖର ପଣ୍ଡା,କବି ଉମେଶ ବାରିକ, କବି ଅଭୟ ଦାସ, ଆଇନଜୀବୀ ବିଜୟ ପାଣିଗ୍ରାହୀ, ଧ୍ୱନି ପ୍ରତିଧ୍ୱନି ଖବର କାଗଜର ମୁଖ୍ୟ ସମ୍ପାଦକ କଥାକାର ସୃଷ୍ଟି ଧରପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାମ୍ପ୍ରତିକ ସ୍ଥିତିରେ କବି-ସାହିତ୍ୟିକମାନେ ସାରସ୍ୱତ ଆଭିମୁଖ୍ୟକୁ ବିସ୍ମରି ଯିବା ଫଳରେ ସାହିତ୍ୟ ଜଗତ ରାଜନୀତିର ଚକ୍ରବ୍ୟୁହରେ ପଡ଼ିଯାଇଛି ବୋଲି ମତ ପ୍ରକାଶ କରିଥିଲେ । ନିଜ ଭିତର ଅନ୍ୟକୁ ଅନୁଭବ ନକଲେ ଅଙ୍ଗୀକାରବଦ୍ଧତା ଆସେ ନାହିଁ ବୋଲି ଅତିଥିମାନେ କହିଥିଲେ । ସୃଜନାକ୍ଷର ପତ୍ରିକାର ସମ୍ପାଦକ ଡ. ରାଧାରଂଜନ ପଟ୍ଟନାୟକ ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ 'ସୃଜନାକ୍ଷର ପତ୍ରିକା' ଦ୍ୱିତୀୟ ବର୍ଷରେ ପାଦ ଦେଇ ସଭିଙ୍କର ଶ୍ରଦ୍ଧା ସାଉଁଟିଛି ବୋଲି କହିଥିଲେ । 'ସୃଜନାକ୍ଷର" ପତ୍ରିକାର ବୈଧାନିକ ପରାମର୍ଶଦାତା କବି ଉମେଶ ଚନ୍ଦ୍ର ବାରିକ, ସଂଯୋଜକ ପ୍ରସନ୍ନ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । କବି ଜଳଧର ପଣ୍ଡା ରଜ ଗୀତ ଗାନ କରିଥିବା ବେଳେ ପତ୍ରିକାର ସହ-ସମ୍ପାଦକ କବି ଡାକ୍ତର ଅଭିମନ୍ୟୁ କାନୁନଗୋ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ବିଲକୁମ୍ଭାରୀ ରାଧାକୃଷ୍ଣ ମନ୍ଦିରକୁ ରାସ୍ତା ପାଲଟିଛି ମରଣଯନ୍ତା



ଲଙ୍ଗଳେଶ୍ୱର,୧୬/୬(ନିପ୍ର) ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ଅଧିନସ୍ଥ ବସ୍ତା-ବାଲିଆପାଳ ପୂର୍ତ୍ତ ବିଭାଗ ରାସ୍ତାରୁ ବିଲକୁମ୍ଭାରୀ ରାଧାକୃଷ୍ଣ ମନ୍ଦିର (ମଠ)କୁ ଯାଇଥିବା ମାତ୍ର ଦୁଇ ଶହ ମି.ରୁ ଉର୍ଦ୍ଧ ହେବ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଦୀର୍ଘ ଦିନ ଧରି ରାସ୍ତାର ମରାମତି ହୋଇ ନଥିବାରୁ ରାସ୍ତାଟି ନଷ୍ଟ ହେବାକୁ ବସିଲାଣି । ରାସ୍ତାରେ ଫାଟ ସୃଷ୍ଟି ହେବା ସହ ରାସ୍ତା ଦବି ଘାସ ଗଛ ସବୁ ଉଠିଗଲାଣି ପ୍ରତିବର୍ଷ ବନ୍ୟା ଆସି ରାସ୍ତା ବୁଡି ଯାଇ ଶୋଚନୀୟ ହୋଇପଡିଛି । ସୂଚନାଧାଉକି, ଉକ୍ତ ରାସ୍ତା ମଧଦେଇ ଦୈନିକ ଶତାଧିକ ଚାଷୀ ବିଲକୁ ଚାଷ କରିବାକୁ ଯାଇଥାନ୍ତି । ତତ୍ ସହିତ ରାଧାକୃଷ୍ଣ ମନ୍ଦିରକୁ ସକାଳୁ ଏବଂ ସଂନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ଆସିଥାନ୍ତି । କିନ୍ତୁ ମରଣଯନ୍ତା ହେତୁ ଜନସାଧାରଣ ହଇରାଣ ହରକତ ହେଉଛନ୍ତି । ଏ ନେଇ ଜନପ୍ରତିନିଧିମାନଙ୍କୁ ଗ୍ରାମବାସୀମାନେ ବାରମ୍ବାର ଜଣାଇବା ପରେ ମଧ କିଛି ସୁଫଳ ମିଳି ପାରୁନାହିଁ । ତେବେ ବିଲକୁମ୍ଭାରୀ ରାଧାକୃଷ୍ଣ ମନ୍ଦିର ରାସ୍ତାର ଶୀଘ୍ର ମରାମତି ପାଇଁ ଅଞ୍ଚଳବାସୀ ଗଣମାଧମ ଜରିଆରେ ଦାବି କରିଛନ୍ତି ।

# ଅଘୋଷିତ ବିଦ୍ୟୁତକାଟ : ଟାଟା ପାୱାର କର୍ମଚାରୀ ଅଟକ



ଖଇରା, ୧୬/୦୬ (ନି.ପ୍ର): ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ ନୂଆଗାଁ ତଥା ଅନ୍ୟାନ୍ୟ ଗ୍ରାମ ଗୁଡିକରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଘଟୁଥିବା କାରଣରୁ ଗ୍ରାମବାସୀ ମାନେ ଗରମ ରେ ତହଳବିକଳ ହେବା ଅଭିଯୋଗରେ ଶୁକ୍ରବାର ନୂଆଗାଁ ଗ୍ରାମର ଶତାଧୀକ ଗ୍ରାମବାସୀ ଦୀର୍ଘ ୮ଘଣ୍ଟା ଧରି ଟାଟା ପାୱାର କର୍ମଚାରୀଙ୍କୁ ଅଟକ ରଖିଥିଲେ । ପରେ ଟିମ ମୁଖ୍ୟ ଅନିଲ ମହାପାତ୍ର ଅଘୋଷିତ ବିଦ୍ୟୁତକାଟକୁ ନିୟନ୍ତ୍ରଣ ରଖିବାକୁ ଲିଖିତ ପ୍ରତିଶୃତି ଦେବାସହ ୭ଦିନ ମଧ୍ୟରେ ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ପ୍ରତିଶୃତି ଦେବାପରେ ଗ୍ରାମବାସୀ ମାନେ ଅଟକ କର୍ମଚାରୀଙ୍କୁ ଛାଡିଥିଲେ । ବାରମ୍ବାର ବିଦ୍ୟୁତ କାଟ ହେବା ଏବଂ ଫୋନ କଲା ପରେ ମଧ୍ୟ ପ୍ରତିକାର କରାନଯିବା ଯୋଗୁଁ ବାଧ୍ୟ ହୋଇ ଏହି ବାଟ ଧରିବାକୁ ପଡିଲା ବୋଲି ପୂର୍ବତନ ସମିତିସଭ୍ୟ ନିଳାମ୍ବର ପଣ୍ଡା, ରବିନ୍ଦ୍ର ବାରିକ,ବିଷ୍ଣୁମୋହନ ଲେଙ୍କା, ରାମକୃଷ୍ଣ ଚଣ୍ଡ,ଜିତେନ୍ଦ୍ର ବାରିକ,ସଞ୍ଜୟ ଲେଙ୍କା ପ୍ରମୁଖ ପ୍ରକାଶ କରିଛନ୍ତି ।

## ବିଜୁଳି କାଟ ବିରୁଦ୍ଧରେ ଭାଜପାର ବିକ୍ଷୋଭ

ଉଦଳା, ୧୬/୦୬ (ନି.ପ୍ର): ରାଜ୍ୟରେ ବର୍ତମାନ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ବେଳେ ବିଜୁଳିକାଟର ଯମ ଯନ୍ତ୍ରଣା ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଇଛି । ଏହାକୁ ବିରୋଧ କରି ଭାରତୀୟ ଜନତା ପାର୍ଟି ଉଦଳା ଶାଖା ତରଫରୁ ଆଜି ଜୁନ ୧୬ ତାରିଖ ଶୁକ୍ରବାର ଦିନ ନିର୍ବାହୀ ଯନ୍ତ୍ରୀ (ଟାଟା ପାୱାର) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଉଦଳାରେ ଏହାକୁ ସଫଳ କରିବା ପାଇଁ ଭାଜପାର ବରିଷ୍ଠ ନେତା କମଳ ଧଳ, ପ୍ରଭାତ ପରିଡ଼ା, ଶରତ ଚନ୍ଦ୍ର ଦାସ, ନିହାର ରଂଜନ ମୋଦି, ଧିରେନ୍ଦ୍ର ଖଣ୍ଡେଲୱାଲ, ଶୁଭଦୀପ ମହାନ୍ତି, ବିଭୁତି ମହାନ୍ତ, ପ୍ରାଚ୍ୟ ସୁମନ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିବାର ଜଣାଯାଇଛି ।

# ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ସମାଜସେବୀ ଗଣେଶ ଜେନା



ବସ୍ତା, ୧୬/୦୬ (ନି.ପ୍ର): ପବିତ୍ର ରଜ ସଂକ୍ରାନ୍ତିରେ ନିଜର ଜନ୍ମଦିନ ପାଳନକଲେ ଯୁବ ସମାଜସେବୀ । ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ମାଗୁଣିଚରଣ ବାଳାଶ୍ରମରେ ଗୁରୁବାର ବାଘାଯତିନ୍ ସ୍ୱେଚ୍ଛାସେବି ସଂଗଠନର ସଭାପତି ସଦରବ୍ଲକ ଦହପଡା ଗ୍ରାମର ଗଣେଶଜେନା ତାଙ୍କର ୩୨ତମ ଜନ୍ମଦିନ ଆଶ୍ରମର ପିଲା ମାନଙ୍କ ଗହଣରେ ପାଳନକରିଛନ୍ତି । ତାଙ୍କ ସହିତ ତାଙ୍କ ସହଧର୍ମିଣୀ ଦିପ୍ତୀଲତା ଜେନା. ଅନ୍ତେବାସୀ ପିଲା ମାନଙ୍କୁ ଜୁସ, ଚକଲେଟ ବିସ୍କୁଟ ଲେଜ ଦେଇ ତାଙ୍କ ସହିତ କିଛି ସମୟ ବିତାଇଥିଲେ । ଆଶ୍ରମର ଅଧ୍ୟକ୍ଷ ଡା ହରିହର ମହାପାତ୍ରଙ୍କ ତତ୍ୱାବଧାନରେ ପିଲା ମାନେ ଶାନ୍ତିଶୃଂଙ୍ଖଳା ସହିତ ଜେନାଙ୍କ ଜନ୍ମଦିନ ପାଳିଥିଲେ । ଆଶ୍ରମର କର୍ମଚାରୀ ପ୍ରଦୀପକୁମାର ବାରିକ, ପ୍ରଭାତ କୁମାର ବେହେରା,ଐସୂର୍ଯ୍ୟ ବେହେରା, ଓମ ପ୍ରକାଶ ଆଇଚ, ପ୍ରଜ୍ଞାପିତା ବେହେରା,ଅର୍ଚ୍ଚନା ମହାପାତ୍ର, ଫୁଲମଣୀ ଗିରି, କାହ୍ନୁସିଂ ସମେତ ଆଶ୍ରମର ପିଲା ମାନେ ଉପସ୍ଥିତଥିଲେ ।

# ବିଂଶତମ ବିଶ୍ୱ ରକ୍ତଦାତା ଦିବସ ପାଳିତ



ବାଲେଶ୍ୱର, ୧୬/୦୬ (ନି.ପ୍ର): ବିଂଶତମ ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ଆଜି ଜିଲ୍ଲା ରକ୍ତଦାତା ସଂଘ, ବାଲେଶ୍ୱର ପକ୍ଷରୁ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପ ଠାରେ ଉତ୍ସବ ପାଳିତ ହୋଇଛି । ପ୍ରାରମ୍ଭରେ ଆଜି ସକାଳେ ହୃଦଘାତରେ ପରଲୋକ ହୋଇଥିବା ଜିଲ୍ଲା ରକ୍ତ କେନ୍ଦ୍ରର ସ୍ୱତନ୍ତ୍ର ଅଧିକାରୀ ବରିଷ୍ଠ ଚିକିତ୍ସକ ଡା. ମହେଶ କୁମାର ବିଶ୍ୱାଳ, ବାହାନଗା ରେଳ ଦୁର୍ଘଟଣାରେ ମୃତ ଯାତ୍ରୀ, ଗତ ବର୍ଷକ ମଧରେ ଦେହାନ୍ତ ହୋଇଥିବା ରକ୍ତ ଦାତା ଓ ସଂଗଠକମାନଂକ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଂଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଂକ ବାଣୀର ଉଦ୍ଧୃତି ଦେଇ ମାନବ ସେବାର ଅନ୍ୟତମ ପ୍ରମୁଖ ବିଭାଗ ରକ୍ତଦାନକୁ ଜୀବନର ଏକ ବ୍ରତ ଭାବରେ ଗ୍ରହଣ କରିବାକୁ ଯୁବ ସମାଜକୁ ପରାମର୍ଶ ଦେଇଥିଲେ ।ସେବା କ୍ଷେତ୍ରରେ ବାଲେଶ୍ୱର ବାସୀଂକର ଅତୁଳନିୟ ମହନିୟତା ସ୍ୱୟଂ ପ୍ରଧାନମନ୍ତ୍ରୀଂକୁ ମଧ ଅଭିଭୂତ କରିଥିବାରୁ ସେ ଜିଲ୍ଲାବାସୀଂକର ଭୂୟସୀ ପ୍ରଶଂସା କରିଥିଲେ । ନୀଳଗିରି ରକ୍ତକେନ୍ଦ୍ରରେ ରକ୍ତସଂଗ୍ରହ ପାଇଁ ତାଂକ ସାଂସଦ ପାଣ୍ଠିରୁ ଏକ ଆମ୍ବୁଲାନ୍ସ ଦେବେ ବୋଲି ଘୋଷଣା କରିବା ସହିତ ସଂଘର ପୃଷ୍ଠପୋଷକ ସଦସ୍ୟ ପଦ ଗ୍ରହଣ କରିଥିଲେ ।ମୁଖ୍ୟ ଅତିଥି ସାଂସଦ ଶ୍ରୀ ଷଡଂଗୀ ସଂଘର ମୁଖପତ୍ର ସ୍ପନ୍ଦନ ଉନ୍ମୋଚନ କରିଥିଲେ । ସମ୍ମାନିତ ଅତିଥି ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା ତାଂକ ବକ୍ତବ୍ୟରେ ଜରୁରୀ ଆବଶ୍ୟକତା ସମୟରେ ବାଲେଶ୍ୱର ବାସୀ ରକ୍ତଦାନ ଠାରୁ ଆରମ୍ଭ କରି ଦୁର୍ଗତମାନଂକର ସହାୟତା ପାଇଁ ଯେଉଁଭଳି ଭାବରେ ଆଗେଇ ଆସିଥିଲେ ସମଗ୍ର ବିଶ୍ୱ ତା'ର ତାରିଫ କରିଛି ବୋଲି କହିଥିଲେ ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ରାଜ୍ୟରେ ରକ୍ତ ଅଭାବରୁ କୌଣସି ଜଣେ ବି ବ୍ୟକ୍ତିକୁ ମୃତ୍ୟୁ ମୁଖରେ ପଡିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି ।ଜୀବନବିନ୍ଦୁ, ମୋ ପରିବାର ଭଳି କାର୍ଯ୍ୟକ୍ରମ ଜରିଆରେ ରାଜ୍ୟରେ ରକ୍ତଦାନ ଓ ଅଂଗଦାନକୁ ତ୍ୱରାନ୍ୱିତ କରାଯାଉଛି । ରକ୍ତଦାତାମାନଂକୁ ଅନୁପ୍ରାଣୀତ କରିବା କ୍ଷେତ୍ରରେ ଜିଲ୍ଲା ରକ୍ତଦାତା ସଂଘ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ସେମାନେ ସଂଘର ସଦସ୍ୟ ଓ କର୍ମକର୍ତ୍ତାମାନଂକର ଭୂୟସୀ ପ୍ରଶଂସା କରିଥିଲେ ।ଅନ୍ୟମାନଂକ ମଧରେ ସଂଘର ବରିଷ୍ଠ ଉପଦେଷ୍ଟା ବିପ୍ଳବ କୁମାର ମହାନ୍ତି, ଅର୍ଚ୍ଚନା ନନ୍ଦୀ ବକ୍ତବ୍ୟ ଦେଇ ରକ୍ତଦାନର ଉଦ୍ଦେଶ୍ୟ ଓ ଆବଶ୍ୟକତା ପୂରଣ ଦିଗରେ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ଅଧିକ ଉତ୍ସାହର ସହିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।ସଂଘର ସଭାପତି କମଳ ଚକ୍ରବର୍ତ୍ତୀଂକ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଂଘର ସାଧାରଣ ସଂପାଦକ ଇଂ ଡଃ ହୃଷିକେଶ ସାହୁ ସଂପାଦକୀୟ ବିବରଣୀ ପାଠ କରିଥିଲେ । ବିଗତ ଏକ ବର୍ଷ ମଧରେ ରକ୍ତଦାନ ଶିବିର ଆୟୋଜନ କରି ରକ୍ତଦାତା ମାନଂକୁ ଉତ୍ସାହିତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବିଭିନ୍ନ ସଂଗଠନ ଓ ବ୍ୟକ୍ତି ବିଶେଷଂକୁ ଏହି ଅବସରରେ ଅତିଥିମାନେ ସମ୍ମାନିତ କରିଥିଲେ । ସକାଳେ ଜିଲ୍ଲା ରକ୍ତ କେନ୍ଦ୍ରରେ ସଂଘ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ, ରକ୍ତକେନ୍ଦ୍ର ଅଧିକାରୀ ଡା. ବସନ୍ତକୁମାର ଉପାଧ୍ୟାୟ ଉଦଘାଟନ କରିଥିଲେ । ଶିବିରରୁ ୨୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସଂଘର ଉପଦେଷ୍ଟା ସେକ ଜନତ ହୁସେନ,ରବି ରାଉତ, ନିରଂଜନ ପରିଡା, ଗୌରାଂଗ ପାଣିଗ୍ରାହୀ, ଉମେଶ ଚନ୍ଦ୍ର ନାୟକ, ରବିକୁମାର ପାଣଗ୍ରାହୀ, ପ୍ରଭାକର ବେହେରା, ଉପସଭାପତି ଲକ୍ଷ୍ମୀଧର ବାରିକ, ସଂପାଦକ ରାଜେଶ ଗିରି, ସହ ସଂପାଦକ ଭଗବାନ ମହାନ୍ତି, କୋଷାଧକ୍ଷ ଅକ୍ଷୟ ତ୍ରିପାଠୀଂ, ଯଶୋଦା ନନ୍ଦନ ଆଶ, ଅଖିଳ କୁମାର ଦାସ, ଦଉକଉଲ ଘଡ଼େଇ, ମନୋରଞ୍ଜନ ଦାସ, ଶ୍ୟାମସୁନ୍ଦର ଯେନା, ସମ୍ବିତ କୁମାର ପ୍ରଧାନ, ଅଂଶୁମାନ ରାଉତ ପ୍ରମୁଖଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଦସ୍ଯ ମାନେ ଉତ୍ସବ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଚିତାକର୍ଷକ ମାଲଖମ୍ବ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା । ଉପ ସଭାପତି ବିଜୟ ପାତ୍ର ଧନ୍ୟବାଦ ଦେଇଥିଲେ ।

# ନୀଳଗିରି ସହରରେ ଉଜ୍ଜଳ ଆଲୋକର ଶୁଭ ଉଦ୍ଘାଟନ

ନୀଳଗିରି , ୧୬/୦୬ (ନି.ପ୍ର): ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଶୁକ୍ରବାର ସନ୍ଧ୍ୟାରେ ନୀଳଗିରି ସହରର ଦୁର୍ଗା ମଣ୍ଡପ ଛକଠାରୁ ବାଇପାସ୍ ଛକ ପର୍ଯ୍ୟନ୍ତ ଉଜ୍ଜଳ ଆଲୋକର ଶୁଭ ଉଦ୍ଘାଟନ ହୋଇଯାଇଛି । ଏହାକୁ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ଫିତାକାଟି ଉଦଘାଟନ କରିଥିଲେ । ନଗରପାଳ ଶ୍ରୀମତୀ ଅମ୍ବିକା ଦାସଙ୍କ ସମେତ ଏନଏସିର ଉପନଗରପାଳ ମହେନ୍ଦ୍ରନାଥ ବେହେରା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁଙ୍କ ଉପସ୍ଥିତିରେ ଉଦଘାଟନ ହୋଇଥିଲା । କାଉନସିଲର ରତିପ୍ରଭା ସାହୁ, ରାଜୁ ସିଂ, ପ୍ରତିମା ମୁଦୁଲି, ଆଦ୍ୟାଶ ଦାସ, ପ୍ରତାପ କୁମାର ସେଠୀ, କମଳାମଣି ପରିଡା, ସୁଚିସ୍ମୀତା ବେହେରା, ବନିତା ମହାଳିକ, ଗୌରାଙ୍ଗ ବିନ୍ଧାଣୀ, ସୁଲୋଚନା ଖଟୁଆ, ପ୍ରିୟଙ୍କା ସିଂ, ରିତାଞ୍ଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଆଧୁନିକ ଏଲ୍ଇଡି ଲାଇଟ୍ ସହିତ ସମସ୍ତ ଖୁଣ୍ଟିରେ ହାଇମାସ୍କ ଲାଇଟ୍ ଲାଗିବା ଫଳରେ ସହରର ସୌନ୍ଦର୍ଯ୍ୟ ଦୁଇ ଗୁଣିତ ହୋଇଯାଇଥିବା ଦେଖିବାକୁ ମିଳିଛି ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor: Srustidhar Parida
❒ Editor: Sairindhree Sahoo